ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

୫-୧୮ ସେପ୍ଟେମ୍ବର, ୨୦୧୮

**ଭାରତ-ଭାରତୀ :** ଗୋପାଳ ଦାସ 'ନୀରଜ'

**ବିଜ୍ଞାନ-ସାହିତ୍ୟ :** ଡ. ବିଜୟ କେତନ ପଟ୍ଟନାୟକ

**ସ୍ମରଣୀୟ :** ବିଜୟ ନାୟକ

**ପହିଲି ପୁଲକ :** ଡ. ଅଜାମ୍ବର ମଲ୍ଲ

**ପ୍ରଥମ ବହି :** ବିମଳ ଜେନା



# ନିଃଶ୍ୱାସରୁ ନଇକୂଳ




**ବିମଳ ଜେନାଙ୍କ ଜନ୍ମ ୧୯୫୩ରେ, କେନ୍ଦୁଝର ଜିଲା ନନ୍ଦିପଦାର ଓରାଳିରେ। ଏବେ କିନ୍ତୁ ସ୍ଥାୟୀ ବାସିନ୍ଦା ବାଲେଶ୍ୱର ସୁନହଟର ଦେଓ୍ୱାନପାଟଣାରେ। କବିତାରେ ପଶି ମଝିରେ ପୁଣି କବିତାକୁ ଛାଡ଼ିଛନ୍ତି, ହେଲେ କବିତା ତାଙ୍କୁ ଛାଡ଼ିନାହିଁ। ପରିଣତିରେ ଓଡ଼ିଆ ସାହିତ୍ୟ ତାଙ୍କଠୁଁ ପାଇଛି 'ନିଃଶ୍ୱାସରୁ ନଇକୂଳ', 'ନିଜଠାରୁ ନିର୍ବାସିତ', 'ନିବୃତ୍ତ ନିଷାଦ' ଓ 'ଆକାଶ ଭଲରେ ଥାଉ' ପରି କବିତା ସଙ୍କଳନ। କବିତା ପାଇଁ ୨୦୧୩ରେ ବିମଳଙ୍କୁ ମିଳିଛି 'ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର'।**




ବିମଳ ଜେନା

୨୦୦୭ ମସିହା ଜାନୁୟାରୀରେ ବ୍ୟାସକବି ଫକୀରମୋହନଙ୍କ ପୁଣ୍ୟ ଜନ୍ମତିଥି ଅବସରରେ ଲୋକାର୍ପିତ ହୁଏ ମୋର ପ୍ରଥମ କବିତା ପୁସ୍ତକ 'ନିଃଶ୍ୱାସରୁ ନଇକୂଳ'। ଯଶସ୍ୱୀ କବି ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର ପୁସ୍ତକଟିକୁ ଉନ୍ମୋଚିତ କରନ୍ତି ଫକୀରମୋହନ ଜୟନ୍ତୀ ଉତ୍ସବ ଅବକାଶରେ, ବାଲେଶ୍ୱରର ଶାନ୍ତିକାନନଠାରେ। କହିରଖେ, ଆଦ୍ୟ କୈଶୋରରୁ, ବିଂଶ ଶତାବ୍ଦୀର ଅଶୀ ଦଶକରୁ କବିତା ପ୍ରତି ମୋର ଅନୁରାଗ। ହେଲେ ସେତେବେଳେ କବିତା ଭିତରକୁ ପଶି ଆସିଥିବା ଦୁର୍ବୋଧତା ଓ ଗଦ୍ୟମୟତା ମୋତେ ହତାଶ କରେ, ଆଘାତ ଦିଏ। ଫଳରେ କବିତାରୁ ନିଏ ନିର୍ବାସନ।


ଗୋଟିଏ ନୁହେଁ, ଦୁଇ ଦୁଇଟି ବନବାସ ମୋତେ ଭୋଗିବାକୁ ପଡ଼େ। ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ କବିତାରେ ମୁଁ ନ ଥାଏ ସତ, ହେଲେ କବିତା ମୋ' ଭିତରେ ଥାଏ। ନିଃଶ୍ୱାସ ପ୍ରଶ୍ୱାସ ପରି ଆତଯାତ ହେଉଥାଏ। ବିଂଶ ଶତାବ୍ଦୀ ବିଦାୟ ନିଏ। ଏକବିଂଶ ଶତାବ୍ଦୀରେ ପୁଣି ଫେରେ କବିତାକୁ। କବିତା ରାତି ଉଜାଗର କରାଏ, ଉଚ୍ଚାଟ କରାଏ, ଯାହାର ଫଳଶ୍ରୁତି ହୁଏ ମୋର ପ୍ରଥମ କବିତା ପୁସ୍ତକ 'ନିଃଶ୍ୱାସରୁ ନଇକୂଳ'।

କବିତା ପୁସ୍ତକଟିକୁ ପ୍ରକାଶ କରିଛନ୍ତି ରାଜ୍ୟର ସ୍ୱନାମଧନ୍ୟ ଅଭିଜାତ ପ୍ରକାଶନୀ ସଂସ୍ଥା କଟକର 'ଗ୍ରନ୍ଥମନ୍ଦିର'। ପୂର୍ବାଭାଷ ଓ ପ୍ରାକ୍‌କଥନୀ




ଲେଖିଛନ୍ତି ଯଶସ୍ୱୀ କବି ସୀତାକାନ୍ତ ମହାପାତ୍ର ଓ ପ୍ରଣମ୍ୟ ଦିବଂଗତ କବି ବ୍ରଜନାଥ ରଥ। ଆଜି ମୋତେ ଲାଗେ, ସେଇ ପ୍ରଥମ ପ୍ରକାଶିତ କବିତା ପୁସ୍ତକ ସହିତ ଯେମିତି ମୋର ଜନ୍ମଜନ୍ମାନ୍ତରର ସମ୍ପର୍କ। ସେ ପୁସ୍ତକ ପ୍ରକାଶନ ସମୟର ଉତ୍ତେଜନା ଆଜି ବି ମୋତେ ଶିହରିତ କରେ, ରୋମାଞ୍ଚିତ କରେ। ଦଶନ୍ଧି ଦଶନ୍ଧି ଧରି ମୋ' ଭିତରେ କବିତାକୁ ନେଇ ଜମାଟ ବାନ୍ଧିଥିବା ଆବେଗ, ଅନୁରାଗ, ଅବରୁଦ୍ଧ ଅଭିମାନ, ରାଗରୁଷା ସବୁ ରୂପ ନେଇଛନ୍ତି କବିତାଗୁଡ଼ିକରେ। ଗୁଣାତ୍ମକ ଦୃଷ୍ଟିରୁ ଦେଖିବାକୁ ଗଲେ ଆଜିଯାଏ ସେ କବିତାଗୁଡ଼ିକୁ ମୁଁ ଅତିକ୍ରମ କରି ପାରିନାହିଁ। ପରେପରେ ମୋର ଅନ୍ୟ କବିତା ପୁସ୍ତକ ପ୍ରକାଶ ପାଇଛି ୨୦୦୯, ୨୦୧୧ ଓ ୨୦୧୫ରେ, 'ନିଜଠାରୁ ନିର୍ବାସିତ', 'ନିବୃତ୍ତ ନିଷାଦ' ଓ 'ଆକାଶ ଭଲରେ ଥାଉ' ନାମରେ। 'ନିବୃତ୍ତ ନିଷାଦ' କବିତା ପୁସ୍ତକ ପାଇଁ ମୋତେ ସାହିତ୍ୟ ଏକାଡେମୀ ପୁରସ୍କାର ମିଳିଛି। ମୁଁ ନିଜେ ସ୍ରଷ୍ଟା ହୋଇ ମଧ୍ୟ ଆଜି ବି ସ୍ପଷ୍ଟ ସ୍ୱରରେ ସ୍ୱୀକାର କରୁଛି– ପ୍ରଥମ ପ୍ରେମ ପରି ପ୍ରଥମ କବିତା ପୁସ୍ତକ 'ନିଃଶ୍ୱାସରୁ ନଇକୂଳ' ମୋର ସବୁଠୁଁ ପ୍ରିୟ। କେମିତି ଭୁଲିବି ମୋର ପ୍ରଥମ ବହିକୁ!

## ସାହିତ୍ୟିକମାନେ ହିଁ ମଣିଷ ମନର ଯନ୍ତ୍ରୀ...




ମହାଶୟ,

* କଥାରେ ଅଛି ବାଇଆର କି ଯାଏ, ବାଆ କଲେ ବସା ଦୋହଲୁଥାଏ। ସେଇ ବାଇ ଚଢ଼େଇର ବସା ତିଆରିର ପ୍ରଚ୍ଛଦ ସହ ଚଞ୍ଚୁରେ ବାଦାମ ବଡ଼ ମନଛୁଆଁ। ସତରେ ସାହିତ୍ୟିକମାନେ ହିଁ ମଣିଷ ମନର ଯନ୍ତ୍ରୀ। ପ୍ରଥମ ବହିରୁ ଶଶୀବାବୁ ଉପରକୁ ଉଠି ଚାଲିଛନ୍ତି ଶଶୀ ଧରିବା ଲାଗି। 'ଚୋରି ଯାଇଥିବା ଚିଜ' ମିଳିବ ତ ? ରାଧାମୋହନ ବାବୁଙ୍କ ଗଳ୍ପ ଜୀବନର ଧାରା ବଦଳେଇ ଦେବା ପରି। ନରିବାବୁ ସତରେ ସ୍ୱର୍ଗବାସ ବଦଳରେ ନର୍କବାସର ଅନୁଭବ କଲେ କାଳିନ୍ଦୀ ଚରଣଙ୍କ କାଳି କଲମରେ। ଅନୂଦିତ ଗଳ୍ପ 'ପୁରସ୍କାର'ରେ ସରୋଜ ପରିଷ୍କାର ଜାଣିପାରିଲା ବାପାଙ୍କଠାରୁ ସର୍ବଶ୍ରେଷ୍ଠ ପୁରସ୍କାର ଆଶୀର୍ବାଦ ଛଡ଼ା ଅନ୍ୟ କିଛି ନୁହେଁ। 'ପରୀକ୍ଷା'କୁ ନେଇ ମାଆଙ୍କଠାରୁ ବାପା ବେଶୀ ବ୍ୟସ୍ତ। ମୁନାର ବାର୍ଥଡେକୁ ବି ଭୁଲିଗଲେ। ଗଳ୍ପଟା ହାର୍ଟ ଟଚିଙ୍ଗ୍। 'ଅବଲୋକନ'ରେ ଗାୟତ୍ରୀ ମାଡାମ ଜୀବନର ମନ୍ତ୍ର ଦେଇଛନ୍ତି। କବିତା ପୃଷ୍ଠା ଚମକଦାର। 'ପୁସ୍ତକ ପରିଚୟ'ରେ ଏଥର ବହୁ ଦମ୍‌ଦାର ବହିର ପସରା। 'ପହିଲି ପୁଲକ'ର ନୀଳମଣି ବାବୁଙ୍କ କଥା ପୁଲକ ଜଗାଇଲା ପରି ଆଲେଖ୍ୟଟିଏ।

*– ସୁସ୍ମିତା ପୁରୋହିତ, ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର*

* ୮ ଅଗଷ୍ଟ ୨୦୧୮ ସଂଖ୍ୟା 'ସାହିତ୍ୟାୟନ' ପାଠକଲି। ଉକ୍ତ ସଂଖ୍ୟାର 'ସ୍ମରଣୀୟ' ପୃଷ୍ଠାକୁ ପାଠ କରି ଓଡ଼ିଆ ସାହିତ୍ୟଜଗତର ସ୍ୱନାମଧନ୍ୟ ସୁସାହିତ୍ୟିକ ତଥା କଥାକାର ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ସାହିତ୍ୟିକ ଜୀବନୀ ତଥା ତାଙ୍କ ଲେଖନୀ ନିଃସୃତ ଏକାଧିକ ସାହିତ୍ୟକୃତି ସମ୍ପର୍କରେ ଅବଗତ ହେଲି। ପଟ୍ଟନାୟକଙ୍କ ରଚିତ 'ପରୀକ୍ଷା' ଗଳ୍ପଟି ଅତୀବ ଶିକ୍ଷଣୀୟ ତଥା ମର୍ମସ୍ପର୍ଶୀ। କବିତା ପୃଷ୍ଠାରେ ସଂଘମିତ୍ରା ରଥଙ୍କ 'ଝରିଯିବାର ଥିଲା' ଏବଂ ହୃଦାନନ୍ଦ ପାଣିଗ୍ରାହୀଙ୍କ 'କ୍ଷେତ କଥା' କବିତା ଦ୍ୱୟ ଅତୀବ ଉଚ୍ଚକୋଟୀର। ଏହାଛଡ଼ା ପ୍ରଚ୍ଛଦ ପୃଷ୍ଠାରେ ସ୍ଥାନିତ ତଥା ପ୍ରଦର୍ଶିତ ବର୍ଷାଋତୁର ଆଗମନେ ବାଇଚଢ଼େଇଟି ନିଜ ବସାଟିଏ ତିଆରି କରିବା ନିମନ୍ତେ କିପରି ଯତ୍ନବାନ ତଥା ପରିଶ୍ରମ କରୁଛି ତାହାର ବାସ୍ତବ ଚିତ୍ର ରୂପ ଘେନିଛି। ଆଜିର ପ୍ରକୃତି-ବିମୁଖ ଯୁଗରେ ପ୍ରକୃତି କୋଳକୁ ଫେରାଇ ନେଉଛି 'ସାହିତ୍ୟାୟନ'।

*– ବିଜୁ ସାହୁ, ଖଣ୍ଡାଏତା, କଟକ*

* ୮–୨୧ ଅଗଷ୍ଟ, ୨୦୧୮ 'ସାହିତ୍ୟାୟନ' ପାଠକଲି। ପୃଷ୍ଠା ୩ରେ ରାଧାମୋହନ ମହାପାତ୍ରଙ୍କ 'ଚୋରି ଯାଇଥିବା ଚିଜ' ନାମକ ଗଳ୍ପ ଏବଂ କାଳିନ୍ଦୀ ଚରଣ ଭଞ୍ଜଙ୍କ ରଚିତ 'ସ୍ୱର୍ଗବାସ' ସବୁ ଦୃଷ୍ଟିରୁ ପଠନୀୟ ତଥା ଶିକ୍ଷଣୀୟ ହୋଇପାରିଛି। କବିତା ପୃଷ୍ଠାରେ ପ୍ରତିଭା ପରିଡ଼ାଙ୍କ କବିତା 'ପ୍ରିୟତମା' ଏବଂ ସ୍ମରଣୀୟ ପୃଷ୍ଠାରେ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ 'ପରୀକ୍ଷା' ଗଳ୍ପଟି କଳାତ୍ମକ ହୋଇଛି।

*– ପ୍ରମୋଦ, ଲିପି, ନିରଞ୍ଜନ, ଟୁଲା, କୋରକୋରା, କଟକ*

* ସୁନ୍ଦର ପ୍ରଚ୍ଛଦପଟ ସମ୍ବଳିତ ଚଳିତ ୨୫ ଜୁଲାଇ – ୭ ଅଗଷ୍ଟ ସଂଖ୍ୟା 'ସାହିତ୍ୟାୟନ' ପାଠ କରି ଅତ୍ୟନ୍ତ ଖୁସି ହେଲି। 'ପ୍ରଥମ ବହି'କୁ ନେଇ ବିଶିଷ୍ଟ ଲେଖକ ମୃଣାଳଙ୍କ ସ୍ମୃତିଭରା ଅନୁଭୂତି ବେଶ୍ ଆମୋଦଦାୟକ ଥିଲା। ଶରତ କୁମାର ରାଉତଙ୍କ ଅନୁବାଦ ଗଳ୍ପ 'ହିରୋ' ସମ୍ପ୍ରତି ସମାଜରେ ଯୁବପିଢ଼ିଙ୍କ ମନରେ ସୃଷ୍ଟି ହେଉଥିବା ବୃଥା ହିରୋଗିରିର ଜ୍ୱଳନ୍ତ ଉଦାହରଣ। କବିତା ପୃଷ୍ଠାରେ ହୃଷୀକେଶ ପୁରୋହିତଙ୍କ ଗୀତି କବିତା 'ହୃଦୟ' ଖୁବ୍ ସୁନ୍ଦର ହୋଇଛି। ନିରାକାର ଦାସଙ୍କ 'ବିକାଶର ବାଇଶି ପାହାଚ' ସମୟୋପଯୋଗୀ ସୁନ୍ଦର ଶବ୍ଦ ସଂଯୋଜିତ ଏକ ହୃଦୟସ୍ପର୍ଶୀ କବିତା। 'ପ୍ରଦକ୍ଷିଣ' ପୃଷ୍ଠାରୁ 'ଓଡ଼ିଆ ଭାଷା ଓ ପରିଭାଷା'କୁ ନେଇ ଧନେଶ୍ୱର ମହାପାତ୍ରଙ୍କ ସଚେତନଧର୍ମୀ ସଂସ୍କାରମୂଳକ ଆଲେଖ୍ୟଟି ପଢ଼ି ବହୁତ ଖୁସି ଲାଗିଲା।

*– ବିନୋଦ ବିହାରୀ ବେହେରା, ନୂଆସାହି, ନୂଆବଜାର, କଟକ*

* ଅଗଷ୍ଟ ୮–୨୧ 'ସାହିତ୍ୟାୟନ' ମୋର ହସ୍ତଗତ ହେଲା। ଏଥିରେ ପ୍ରକାଶିତ ପ୍ରତିଷ୍ଠିତ ଗାଳ୍ପିକ ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ ଗଳ୍ପ (ସ୍ମରଣୀୟ ସ୍ତମ୍ଭରେ ପ୍ରକାଶିତ) 'ପରୀକ୍ଷା' ଓଡ଼ିଆ କଥା ସାହିତ୍ୟରେ ଏକ ପ୍ରତିନିଧି ସ୍ଥାନୀୟ ଗଳ୍ପ। ଗଳ୍ପର ଭାଷା ଓ ପ୍ରସଙ୍ଗ ଅନନ୍ୟ। ଗାୟତ୍ରୀ ସରାଫ୍‌ଙ୍କ ସାହିତ୍ୟ ଏକାଡେମୀ ପୁରସ୍କାର ଗ୍ରହଣକାଳୀନ ଅଭିଭାଷଣ ତାଙ୍କ ଲେଖକୀୟ ଅନ୍ତର୍ଦୃଷ୍ଟିର ପରିଚୟ ଦିଏ। କବିତା ପୃଷ୍ଠାରେ ପ୍ରକାଶିତ ପ୍ରତିଭା ପରିଡ଼ା, ହୃଦାନନ୍ଦ ପାଣିଗ୍ରାହୀ ଓ ସଂଘମିତ୍ରା ରଥଙ୍କ କବିତା ଉଚ୍ଚମାନର। ବିଭୁ ପାଢ଼ୀଙ୍କ କବିତା ମଧ୍ୟ ମନ୍ଦ ନୁହେଁ। 'ପୁସ୍ତକ ପରିଚୟ'ରେ ପ୍ରଦତ୍ତ ପୁସ୍ତକଗୁଡ଼ିକର ସମୀକ୍ଷା, ପୁସ୍ତକଗୁଡ଼ିକ ପ୍ରତି ପାଠକର ଆଗ୍ରହକୁ ବଳବତ୍ତର କରିବ ବୋଲି ଆଶା।

*– କାଳିନ୍ଦୀ ଚରଣ ମହାନ୍ତି, ବାରିପଦା, ମୟୂରଭଞ୍ଜ*

* ଅଗଷ୍ଟ ୮ ତାରିଖରେ ପ୍ରକାଶିତ 'ସାହିତ୍ୟାୟନ' ପ୍ରଚ୍ଛଦଠୁଁ ପୁସ୍ତକ ପରିଚୟଯାଏ ଆକର୍ଷଣୀୟ ହୋଇଛି। ଆତ୍ମଜୀବନୀ ଓ ବ୍ୟଙ୍ଗ ରଚନା ପ୍ରକାଶ ପ୍ରତି ଧ୍ୟାନ ଦିଆଗଲେ ଏଥିପ୍ରତି ଆଗ୍ରହୀ ପାଠିକାପାଠକମାନେ ଉପକୃତ ହୁଅନ୍ତେ। 'ସାହିତ୍ୟାୟନ'ର ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି– ଏହାର ଲେଖାଗୁଡ଼ିକ ପ୍ରାୟତଃ ନିର୍ଭୁଲ, ଯାହା ଅନ୍ୟ ଖବରକାଗଜରେ ପ୍ରକାଶ ପାଉଥିବା ସାହିତ୍ୟ ପୃଷ୍ଠାରେ ଦେଖାଯାଏ ନାହିଁ। ଓଡ଼ିଶାର ସବୁ ଅଞ୍ଚଳରୁ ଲେଖିକାଲେଖକମାନଙ୍କୁ ଆପଣ ସ୍ଥାନିତ କରୁଥିବାରୁ ଓଡ଼ିଆ ସାହିତ୍ୟର ସାମଗ୍ରିକ ସ୍ଥିତି ବିଷୟରେ ଜାଣି ହେଉଛି। ଏପରି ଲେଖା ନିର୍ବାଚନ ଅବ୍ୟାହତ ରଖନ୍ତୁ।

*– ମନମୋହନ ମହାରଣା, ବ୍ରହ୍ମପୁର, ଗଞ୍ଜାମ*

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି–୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
email: dharitrisahityayana@gmail.com

**ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।**

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ଅଳ୍ପ ଦିନେ ଜହ୍ନରେ ମିଳିବ ଘର

ଡ. ବିଜୟ କେତନ ପଟ୍ଟନାୟକ

**ବିଜ୍ଞାନ-ସାହିତ୍ୟ**

ପରିଣତ ବୟସରେ ବେଳେବେଳେ ପିଲାଦିନକୁ ଫେରିଯିବାକୁ ଇଚ୍ଛାହୁଏ, ଗାଁ କଥା ମନେପଡ଼େ। ମୋତେ ସେତେବେଳକୁ ଚାରି ବର୍ଷ। ଜହ୍ନରାତିରେ ଘର ଅଗଣାରେ ଶପ ବିଛେଇ ବୋଉ ଶୁଆଇ ଦେଉଥିଲାବେଳେ ଆକାଶର ଜହ୍ନକୁ ଦେଖେଇ ଗୀତ ଗାଉଥିଲା, ''ଆ' ଜହ୍ନମାମୁ ସରଗ ଶଶୀ, ମୋ' କାହ୍ନା ହାତରେ ପଡ଼ରେ ଖସି।'' ଆକାଶର ଖଣ୍ଡଖଣ୍ଡ ଭସା ବାଦଲ ଭିତରେ ଲୁଚକାଳି ଖେଳିଲା ପରି ଜହ୍ନ ଦଉଡ଼ୁଥିଲା ବେଳେ ମନେ ହେଉଥିଲା, ଦୌଡ଼ିଦୌଡ଼ି ମୁଁ ଥକି ପଡ଼ିଲା ପରି ଜହ୍ନ ନିଶ୍ଚେ ଥକି ପଡ଼ିବ ଓ ମୋ' ଉପରେ ଖସି ପଡ଼ିବ। ପାଠ ପଢ଼ି ବଡ଼ ହେଲା ପରେ ବୁଝିଲି, ଏ ସବୁ ଥିଲା କଳ୍ପନା। ହଜାର ହଜାର ବର୍ଷ ତଳୁ ରହି ଆସିଥିବା ଏହି କଳ୍ପନାକୁ ଭିତ୍ତି କରି ଲେଖାଯାଇଛି ଅନେକ କାବ୍ୟ, କବିତା, କାହାଣୀ ଓ ଉପନ୍ୟାସ। ସମୟ ବଦଳିଗଲା, ଏବେ ଜହ୍ନ ମନୁଷ୍ୟ ହାତରେ ଖସିପଡ଼ିବ କ'ଣ, ମହାକାଶଯାନରେ ମନୁଷ୍ୟ ଯାତ୍ରାକରି ଜହ୍ନ ଉପରେ ଖସିପଡ଼ିଲା; ଚନ୍ଦ୍ରପୃଷ୍ଠରେ ପାଦ ଥାପିଲା।

୧୯୬୯ ମସିହା ଜୁଲାଇ ୨୦ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାର ନୀଲ୍ ଆର୍ମଷ୍ଟ୍ରଙ୍ଗ ଓ ବଜ୍ ଆଲଡ୍ରିନ୍ କେନେଡ଼ି ଅନ୍ତରୀକ୍ଷ କେନ୍ଦ୍ରରୁ ମହାକାଶଯାନରେ ଯାତ୍ରା କରି ଚନ୍ଦ୍ରପୃଷ୍ଠରେ ପ୍ରଥମ ଥର ପାଇଁ ଅବତରଣ କଲେ। ଏହି ଘଟଣା ଘଟିବାର ଅନେକ ପୂର୍ବରୁ ଇଂରାଜୀ ଲେଖକ ଏଚ୍. ଜି. ୱେଲ୍ସ ୧୯୦୧ ମସିହାରେ 'ଚନ୍ଦ୍ରରେ ପ୍ରଥମ ମଣିଷ' ଶୀର୍ଷକ ଏକ କଳ୍ପ ବିଜ୍ଞାନଭିତ୍ତିକ ରୋମାଞ୍ଚକର ପୁସ୍ତକ ରଚନା କରିଥିଲେ। ଚନ୍ଦ୍ର ପୃଥିବୀର ନିକଟତମ ଜ୍ୟୋତିଷ୍କ ହୋଇଥିବାରୁ ଏବେ ଚନ୍ଦ୍ର ଓ ଚନ୍ଦ୍ରର ପୃଷ୍ଠଭାଗ କେବଳ କଳ୍ପନାରେ ସୀମିତ ନାହିଁ। ମନୁଷ୍ୟ ଅନ୍ତରୀକ୍ଷଯାନରେ ସେଠି ପହଞ୍ଚି ବିଭିନ୍ନ ପରୀକ୍ଷା ନିରୀକ୍ଷା ଚଳାଇ ସେଠିକାର ବାସ୍ତବତାକୁ ଆକଳନ କଲାଣି।

ନୀଲ୍ ଆର୍ମଷ୍ଟ୍ରଙ୍ଗଙ୍କ ପୂର୍ବରୁ ରୁଷିଆର ମହାକାଶଚାରୀ ୟୁରି ଗାଗାରିନ୍ ୧୯୬୧ ମସିହା ଏପ୍ରିଲ ମାସରେ 'ଭୋଷ୍ଟୋକ' ମହାକାଶଯାନରେ ଅନ୍ତରୀକ୍ଷରୁ ଚନ୍ଦ୍ରକୁ ପ୍ରଦକ୍ଷିଣ କରିବାକୁ ସକ୍ଷମ ହୋଇଥିଲେ, କିନ୍ତୁ ଚନ୍ଦ୍ରପୃଷ୍ଠରେ ଅବତରଣ କରି ନ ଥିଲେ। ଆପୋଲୋ ୧୧ ପରେ ଆପୋଲୋ ୧୨, ୧୪, ୧୫, ୧୬ ଏବଂ ୧୭ ମହାକାଶଯାନରେ ଯାତ୍ରା କରି ଅଦ୍ୟାବଧି ମୋଟ ୧୨ ଜଣ ମହାକାଶଚାରୀ ଚନ୍ଦ୍ରପୃଷ୍ଠରେ ଅବତରଣ କରିଛନ୍ତି। ଶେଷଥର ପାଇଁ ୧୯୭୨ ମସିହାରେ ଆପୋଲୋ ୧୭ ଯାନରେ ଯାତ୍ରା କରି ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲେ କ୍ୟାପ୍ଟେନ୍ ଜେନେକେରନାନ୍। ଏହାପରେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ନିକ୍ସନ୍‌ଙ୍କ ପରାମର୍ଶକ୍ରମେ 'ଆପୋଲୋ ଲୁନାର' ମିଶନକୁ ବାତିଲ କରି ଦିଆଗଲା। ଏହା ପଛରେ ମୁଖ୍ୟ କାରଣ ଥିଲା- ବ୍ୟୟବହୁଳତା। ଆପୋଲୋ ୧୧ ଚନ୍ଦ୍ରଯାନରେ ଖର୍ଚ୍ଚ ହୋଇଥିଲା ୧୫୦ ବିଲିୟନ୍ ଆମେରିକୀୟ ଡଲାର। ଦ୍ୱିତୀୟ କାରଣଟି ହେଲା, ପୃଥିବୀର ନିକଟତମ ଜ୍ୟୋତିଷ୍କ ଚନ୍ଦ୍ର ଅଭିଯାନ ପଛରେ ଲକ୍ଷ୍ୟ ଥିଲା ସେଠାରେ କିପରି ସ୍ଥାୟୀ ବସତି ସ୍ଥାପନ କରାଯାଇପାରିବ। କିନ୍ତୁ ଚନ୍ଦ୍ରପୃଷ୍ଠର ଉତ୍ତୋଳିତ ବିଭିନ୍ନ ଫଟୋଚିତ୍ରରୁ ଓ ଚନ୍ଦ୍ରରେ ଓହ୍ଲେଇଥିବା ୧୨ ଜଣ ମହାକାଶଚାରୀଙ୍କ ପ୍ରଦତ୍ତ ତଥ୍ୟରୁ ଏହା ଅସମ୍ଭବ ପ୍ରତୀୟମାନ ହେଲା।

ପୃଥିବୀଠାରୁ ଚନ୍ଦ୍ରର ଦୂରତା ୨,୪୦,୦୦୦ ମାଇଲ୍ ବା ୩,୮୬,୪୦୦ କିଲୋମିଟର। ୬୦ଟି ପୃଥିବୀକୁ ପାଖାପାଖି ଯୋଡ଼ି ରଖିଲେ ଯେତିକି ଦୂରତା ହେବ, ଏହା ସେତିକି ଦୂର। ଦିନକୁ ୮୦,୦୦୦ ମାଇଲ ବେଗରେ ମହାକାଶଯାନରେ ପୃଥିବୀରୁ ଯାତ୍ରାକଲେ, ଚନ୍ଦ୍ରରେ ପହଞ୍ଚିବାକୁ ୩ ଦିନ ଓ ତହିଁରୁ କିଛି ଊର୍ଦ୍ଧ୍ୱ ସମୟ ଲାଗିବ। ଆପୋଲୋ ୧୧ରେ ଯାତ୍ରା କରିଥିବା ମହାକାଶଚାରୀ ନୀଲ୍ ଆର୍ମଷ୍ଟ୍ରଙ୍ଗଙ୍କୁ ଚନ୍ଦ୍ରପୃଷ୍ଠରେ ପହଞ୍ଚିବାକୁ ୪ ଦିନ ୨ ଘଣ୍ଟା ୪୫ ମିନିଟ୍ ସମୟ ଲାଗିଥିଲା।

ଚନ୍ଦ୍ରପୃଷ୍ଠରୁ ସିଧାସଳଖ ହେଉ ବା କକ୍ଷପଥରେ ଘୁରୁଥିବା ବିଭିନ୍ନ ଅନ୍ତରୀକ୍ଷ ଯାନର ପରୀକ୍ଷା ନିରୀକ୍ଷାରୁ ଯାହା ଜଣାଯାଇଛି, ଚନ୍ଦ୍ରରେ ବାୟୁମଣ୍ଡଳ ଆଦୌ ନାହିଁ ଏବଂ କୃତ୍ରିମ ଉପାୟରେ ବାୟୁମଣ୍ଡଳ ସୃଷ୍ଟି କରିବାର ସମ୍ଭାବନା ମଧ୍ୟ ଯଥେଷ୍ଟ କମ୍। ଫଳରେ ଜୀବନର ଉନ୍ମେଷ ନିମନ୍ତେ ଯେଉଁ ମୌଳିକ ଉପାଦାନ ଦରକାର, ତାହା ସେଠାରେ ଉପଲବ୍ଧ ନୁହେଁ। ବାୟୁମଣ୍ଡଳ ନ ଥିଲେ ନିଃଶ୍ୱାସ ନେବା ପାଇଁ ଅମ୍ଳଜାନ ନାହିଁ, ପବନ ନାହିଁ, ପାଣିପାଗ ନାହିଁ। ଚନ୍ଦ୍ରପୃଷ୍ଠର ବିଷୁବରେଖା ଅଞ୍ଚଳରେ ଉତ୍ତାପ ଦିନବେଳା ୨୬୦ ଡିଗ୍ରୀ ଫାରେନ୍‌ହିଟ୍ ଏବଂ ରାତିରେ ତାପମାତ୍ରା ହ୍ରାସ ପାଇ ବିୟୁକ୍ତ (-) ୨୮୦ ଡିଗ୍ରୀ ଫାରେନ୍‌ହିଟ୍ ହୋଇ ଯାଇଥାଏ। ବାୟୁମଣ୍ଡଳ ନ ଥିବା କାରଣରୁ ଏଠାରେ ବସତି ସ୍ଥାପନ ହେଲେ, ତାହା ଅନ୍ତରୀକ୍ଷର କ୍ଷୁଦ୍ର ଗ୍ରହ, ନକ୍ଷତ୍ର ଓ ଗ୍ରହାଣୁପୁଞ୍ଜ ଦ୍ୱାରା ବାରମ୍ବାର ଆଘାତପ୍ରାପ୍ତ ହୋଇପାରେ। ଏପରିକି ମହାକାଶରେ ଘୁରି ବୁଲୁଥିବା ଛୋଟ ବଡ଼ ଶିଳାଖଣ୍ଡ ମଧ୍ୟ ବସତିକୁ ଧ୍ୱଂସ କରିଦେବାର ସମ୍ଭାବନା ରହିଛି।

ଚନ୍ଦ୍ରପୃଷ୍ଠରେ ଗୋଟିଏ ସୂର୍ଯ୍ୟୋଦୟ ପରଠାରୁ ଅନ୍ୟ ସୂର୍ଯ୍ୟୋଦୟର ସମୟ ଅବଧି ଆମ ପୃଥିବୀ ମାପକାଠିରେ ସାଢ଼େ ୨୯ ଦିନ। ଅର୍ଥାତ୍ ଚନ୍ଦ୍ରର ଗୋଟିଏ ଦିନ ଆମ ପୃଥିବୀର ସାଢ଼େ ୨୯ ବା ୩୦ ଦିନ ସହ ସମାନ। ଏଠାରେ ଦିନବେଳା ଅସହ୍ୟ ଗରମ ଅନୁଭୂତ ହୁଏ। ଚନ୍ଦ୍ରର ଆକୃତି ପୃଥିବୀର ଆକୃତିର ଏକ ଶତାଂଶ ମାତ୍ର। ପୃଥିବୀ ଗୋଟିଏ ବଡ଼ ବାସ୍କେଟବଲ୍ ସଦୃଶ ହେଲେ, ଚନ୍ଦ୍ରର ଆକାର ଛୋଟ ଟେନିସ୍ ବଲ୍‌ଟିଏ ପରି। ଏହା ବ୍ୟତୀତ ଚନ୍ଦ୍ରପୃଷ୍ଠର ମାଧ୍ୟାକର୍ଷଣ ଶକ୍ତି ମଧ୍ୟ ପୃଥିବୀର ମାଧ୍ୟାକର୍ଷଣ ଶକ୍ତିର ୬ ଭାଗରୁ ୧ ଭାଗ। ଚନ୍ଦ୍ରର ଏହି ସ୍ୱଳ୍ପ ମାଧ୍ୟାକର୍ଷଣ



ଶକ୍ତି ହେତୁ ଉପୁଜୁଥିବା ଓଜନ ଶୂନ୍ୟତା ଦୀର୍ଘ ସମୟ ପରେ ମନୁଷ୍ୟ ଶରୀର, ସ୍ୱାସ୍ଥ୍ୟ ଓ ମନସ୍ତତ୍ତ୍ୱ ଉପରେ କି ପ୍ରକାର ପ୍ରଭାବ ପକାଇବ, ସେ ବିଷୟରେ ଅନିଶ୍ଚିତତା ରହିଛି। ଜଳ ଜୀବନର ପ୍ରତୀକ ହୋଇଥିବା ବେଳେ ଚନ୍ଦ୍ରପୃଷ୍ଠରେ ଆଦୌ ଜଳର ସନ୍ଧାନ ମିଳିନାହିଁ। କେବଳ ଚନ୍ଦ୍ରର ମେରୁ ଅଞ୍ଚଳ କେତେକାଂଶରେ ସଦାସର୍ବଦା ବରଫାଚ୍ଛାଦିତ। ପୂର୍ବରୁ ଚନ୍ଦ୍ରପୃଷ୍ଠରେ ଥିବା କଳାକଳା ଦାଗକୁ ଦେଖି ଅନୁମାନ କରାଯାଉଥିଲା ଏହି ଗର୍ଭରେ ନିଶ୍ଚୟ ଜଳ ଥିବ। କିନ୍ତୁ ଚନ୍ଦ୍ର ଅଭିଯାନ ଫଳାଫଳରୁ ଜଣାପଡ଼ିଲା ଯେ, ସେଗୁଡ଼ିକ ଚନ୍ଦ୍ରର କ୍ରମବିବର୍ତ୍ତନ ସମୟରେ ସୃଷ୍ଟି ହୋଇଥିବା ଆଗ୍ନେୟ ଉଦ୍‌ଗିରଣରୁ ବାହାରିଥିବା ପ୍ରସ୍ତରୀକୃତ ତରଳ ଧାତବ ପଦାର୍ଥ-ଲାଭା। ଚନ୍ଦ୍ରପୃଷ୍ଠରେ ଫସଲ ଉପୁଜାଇବା ମଧ୍ୟ ଏତେଟା ସହଜ ନୁହେଁ। କାରଣ ଚନ୍ଦ୍ରରେ ରାତିର ଅବଧି ୩୫୪ ଘଣ୍ଟା। ଏହାର ପୃଷ୍ଠଦେଶର ଉତ୍ତାପର ଚରମ ପରିବର୍ତ୍ତନ, ଦିନବେଳା ଅତ୍ୟଧିକ ସୌରତାପ ବିକିରଣ, ମାଟିରେ ଯବକ୍ଷାରଜାନର ଅଭାବ ଏବଂ ବିଶେଷକରି ପରାଗସଙ୍ଗମ ପାଇଁ କୀଟପତଙ୍ଗଙ୍କର ଅନୁପସ୍ଥିତି ପ୍ରମୁଖ କାରଣ।

ଏ ସମସ୍ତ ତଥ୍ୟ ଚନ୍ଦ୍ର ଅଭିଯାନ ପଛରେ ଆରମ୍ଭରୁ ଯେଉଁ ମୂଳ ଲକ୍ଷ୍ୟ ଥିଲା (ଯଥା- ପୃଥିବୀର ଲୋକଙ୍କୁ ନେଇ ସେଠାରେ ବସତି ସ୍ଥାପନ କରିବା), ତହିଁରେ ବାଧକ ସାଜିଲା। ଏହି କାରଣରୁ ୧୯୭୨ ମସିହା ପରଠାରୁ ୪୦-୪୫ ବର୍ଷ ଧରି ଚନ୍ଦ୍ର ଅଭିଯାନ ଏକ ପ୍ରକାର ଶିଥିଳ ହୋଇ ଯାଇଥିଲା। ଏବେ ପୁନର୍ବାର ବୈଜ୍ଞାନିକ ଓ ଇଂଜିନିୟରମାନେ ଗବେଷଣାରେ ଲାଗି ପଡ଼ିଛନ୍ତି, କିପରି ପୃଥିବୀପୃଷ୍ଠରୁ ମନୁଷ୍ୟଙ୍କୁ ନେଇ ଚନ୍ଦ୍ରରେ ବସତି ସ୍ଥାପନ କରିହେବ ଏବଂ ସେମାନେ ସେଠାରେ ବର୍ଷକୁ ଅନ୍ୟୁନ ଛଅ ମାସ ପର୍ଯ୍ୟନ୍ତ ରହିପାରିବେ। ଚନ୍ଦ୍ରାଭିଯାନ ପ୍ରକ୍ରିୟାରେ ଆମେରିକା, ରୁଷିଆ ବ୍ୟତୀତ ଚାଇନା, ଜାପାନ ଏବଂ ଆମ ଦେଶ ଭାରତ ମଧ୍ୟ ସଂପୃକ୍ତ। ସୋଭିଏତ୍ ରୁଷ୍ ୨୦୩୦ ସୁଦ୍ଧା ଚନ୍ଦ୍ରରେ ଅତିବେଶୀରେ ଚାରିଜଣଙ୍କୁ ଥଇଥାନ କରିବାର ଯୋଜନା ଚଳାଇଛି। ଜାପାନ ମଧ୍ୟ ୨୦୩୦ ସୁଦ୍ଧା ଚନ୍ଦ୍ରରେ ମନୁଷ୍ୟ ଅବତରଣ କରାଇବାର ଆଶା ରଖିଛି ଏବଂ ଚାଇନା ଏଥିପାଇଁ ୨୦୩୬ ମସିହା ଲକ୍ଷ୍ୟ ଧାର୍ଯ୍ୟ କରିଛି।

ଏହି ପୃଷ୍ଠଭୂମିରେ ଭାରତୀୟ ମହାକାଶ ଗବେଷଣା ସଂସ୍ଥା 'ଇସ୍ରୋ' ୨୦୦୮ ମସିହା ଅକ୍ଟୋବର ୨୨ ତାରିଖରେ ଚନ୍ଦ୍ରାୟଣ-୧ ନାମକ ଏକ ମନୁଷ୍ୟବିହୀନ ମହାକାଶଯାନ ଚନ୍ଦ୍ରକୁ ପଠାଇଥିଲା। ଲକ୍ଷ୍ୟ ଥିଲା, ଏହି ଯାନଟି ଚନ୍ଦ୍ରର କକ୍ଷପଥରେ ଦୁଇବର୍ଷ ପରିକ୍ରମଣ କରିବ। ୨୦୦୮ ନଭେମ୍ବର ୧୪ ତାରିଖରେ ଏହି ଯାନର ଉଦ୍ଦିଷ୍ଟ ଅଂଶବିଶେଷ ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରିଥିଲା ଏବଂ ଏହାଦ୍ୱାରା ଚନ୍ଦ୍ରାଭିଯାନ କ୍ଷେତ୍ରରେ ଭାରତ ବିଶ୍ୱରେ ଚତୁର୍ଥ ମାନ୍ୟତା ପାଇଲା। କିନ୍ତୁ ମାତ୍ର ୧୦ ମାସ ପରେ ଯୋଗାଯୋଗ ବିଚ୍ଛିନ୍ନ ହେବା କାରଣରୁ ୨୦୦୯ ଅଗଷ୍ଟ ପର୍ଯ୍ୟନ୍ତ ଚନ୍ଦ୍ରାୟଣ-୧ କାର୍ଯ୍ୟ କରିବାକୁ ସକ୍ଷମ ହୋଇଥିଲା। ଏହି ଅଭିଯାନର ଲକ୍ଷ୍ୟ ଥିଲା, ଚନ୍ଦ୍ରର ଉଭୟ ନିକଟ ପାର୍ଶ୍ୱ ଏବଂ ଦୂର ପାର୍ଶ୍ୱର ତିନିତଳ ବିଶିଷ୍ଟ ମ୍ୟାପ୍ ଏବଂ ଚନ୍ଦ୍ରପୃଷ୍ଠର ଏକ ରାସାୟନିକ ଓ ଖଣିଜ ବିଜ୍ଞାନ ଭିତ୍ତିକ ମ୍ୟାପ୍ ପ୍ରସ୍ତୁତ କରିବା। ଚନ୍ଦ୍ରର ମାଟିରେ ବିସ୍ତୃତ ଭାବେ ଜଳୀୟ କଣିକାର ଉପସ୍ଥିତି ଆବିଷ୍କାର କରିବା ଚନ୍ଦ୍ରାୟଣ-୧ର ବିଶେଷ ସଫଳତା ଥିଲା। ଏହି ଘଟଣାର ୧୦ ବର୍ଷ ପରେ ଅର୍ଥାତ୍ ୨୦୧୮ ମସିହାରେ ଇସ୍ରୋ ଚନ୍ଦ୍ରପୃଷ୍ଠକୁ ଚନ୍ଦ୍ରାୟଣ-୨ ମହାକାଶଯାନ ପ୍ରେରଣ କରିବାକୁ ଉଦ୍ୟମ ଜାରି ରଖିଛି। ଚନ୍ଦ୍ରାୟଣ ଅଭିଯାନର ଅନ୍ୟ ଏକ ଲକ୍ଷ୍ୟ ରହିଛି, ଚନ୍ଦ୍ରପୃଷ୍ଠରେ ଥିବା ବାୟୁମଣ୍ଡଳ ଓ ପରିବେଶ ସମ୍ପର୍କରେ ଅଧିକ ଜ୍ଞାନ ଆହରଣ କରିବା; ଯାହାକି ଭବିଷ୍ୟତରେ ସରକାରୀ କିମ୍ବା ବେସରକାରୀ ଉଦ୍ୟମରେ ଚନ୍ଦ୍ରରେ ବସତି ସ୍ଥାପନ କରିବା ପ୍ରୟାସରେ ସହାୟକ ହେବ।

ଚନ୍ଦ୍ରରେ ବସତି ସ୍ଥାପନ କରି ଜୀବନର ବିକାଶ ଓ ଉନ୍ମେଷ ଘଟାଇବା କ୍ଷେତ୍ରରେ ପୂର୍ବରୁ ଦର୍ଶାଯାଇଥିବା ବିଭିନ୍ନ ପ୍ରତିବନ୍ଧକ ଓ ବାଧାବିଘ୍ନ ସତ୍ତ୍ୱେ ଚନ୍ଦ୍ର ଅଭିଯାନର ଯେଉଁ କେତେକ ସୁବିଧା ଦିଗ ରହିଛି, ତନ୍ମଧ୍ୟରୁ ପ୍ରମୁଖ ହେଉଛି- ଅନ୍ୟ ଗ୍ରହ, ଉପଗ୍ରହ ତୁଳନାରେ ପୃଥିବୀଠାରୁ ଚନ୍ଦ୍ରର ଅପେକ୍ଷାକୃତ କମ୍ ଦୂରତା। ମହାକାଶଯାନରେ ଯାତ୍ରା କଲେ ତିନି ବା ଚାରି ଦିନରେ ଚନ୍ଦ୍ରପୃଷ୍ଠରେ ପହଞ୍ଚି ହେବ। ଯିବାଆସିବା ପାଇଁ କମ୍ ସମୟ ଲାଗୁଥିବାରୁ ଆବଶ୍ୟକ ପଡ଼ିଲେ, ଚନ୍ଦ୍ରରେ ଥିବା ବସତିକୁ ପୃଥିବୀରୁ ଯୁଦ୍ଧକାଳୀନ ଭିତ୍ତିରେ ସହାୟତା ପହଞ୍ଚାଇ ହେବ ଏବଂ ଜରୁରୀକାଳରେ ଚନ୍ଦ୍ରରୁ ମନୁଷ୍ୟମାନଙ୍କୁ ଅପସାରିତ କରିହେବ। ପୃଥିବୀପୃଷ୍ଠରୁ ଚନ୍ଦ୍ରକୁ ଆବଶ୍ୟକ ସାଜସରଞ୍ଜାମ ନେବା ପାଇଁ ଅପେକ୍ଷାକୃତ କମ୍ ଶକ୍ତି ବିନିଯୋଗ ହେବ। ଚନ୍ଦ୍ରର ଉତ୍ତର ମେରୁରେ ଯେଉଁଠି ବରଫର ଆସ୍ତରଣ ଜମି ରହିଛି, ସେଠି ଗୋଟିଏ ଉଦ୍ୟାନ ବା କୃଷି ଫାର୍ମ ପ୍ରତିଷ୍ଠା କରାଯାଇପାରେ। କାରଣ ଏଠାରେ ଗ୍ରୀଷ୍ମଋତୁରେ ଦୈନିକ ଆଠ ଘଣ୍ଟା ସୂର୍ଯ୍ୟାଲୋକ ମିଳିବ। ଅନ୍ୟ ଆନୁଷଙ୍ଗିକ ଆବଶ୍ୟକତା, ଯଥା- ସୌର ବିକିରଣରୁ ସୁରକ୍ଷା, ପରାଗସଙ୍ଗମ ପାଇଁ ବାହକ, ଯାହା ସବୁ ଉଦ୍ଭିଦର ବିକାଶ ପାଇଁ ଜରୁରୀ, ତାହା କୃତ୍ରିମ ଉପାୟରେ ଯୋଗାଇ ଦିଆଯିବ। ଏକ ଆକଳନ ଅନୁସାରେ ଚନ୍ଦ୍ରପୃଷ୍ଠରେ ୦.୫ ହେକ୍ଟର ଆୟତନ ବିଶିଷ୍ଟ ଚାଷ ଜମି ୧୦୦ ଲୋକଙ୍କୁ ଖାଦ୍ୟ ଯୋଗାଇବ।

ଚନ୍ଦ୍ରାୟଣ-୧, ଚନ୍ଦ୍ରର ଉତ୍ତର ମେରୁରେ ବରଫାବୃତ ଭାବରେ ଜଳ ଥିବାର ସୂଚନା ଦେବା ପରେ ଏବଂ ଆମେରିକୀୟ ମହାକାଶ ସଂସ୍ଥା 'ନାସା' ମଧ୍ୟ ଚନ୍ଦ୍ରାୟଣର ଏହି ଆବିଷ୍କାରକୁ ସମର୍ଥନ କରିବା ପରେ ପୁନର୍ବାର ଚନ୍ଦ୍ର ଅଭିଯାନ ପ୍ରତି ବିଶ୍ୱରେ ଆଗ୍ରହ ସୃଷ୍ଟି ହୋଇଛି। ଚନ୍ଦ୍ରରେ ବସତି ସ୍ଥାପନ କରିବା ଯେ ସମ୍ଭବ ଏବଂ ଏହା ଏକ ଯଥାର୍ଥ ଲକ୍ଷ୍ୟ ବୋଲି ପୁନର୍ବାର ଦୃଢ଼ୀଭୂତ ହୋଇଛି। କେତେକ ବେସରକାରୀ ଅନୁଷ୍ଠାନ ମଧ୍ୟ 'ମହାକାଶ ପର୍ଯ୍ୟଟନ' ନାମରେ ସଂସ୍ଥା ଖୋଲି ଚନ୍ଦ୍ରରେ ପର୍ଯ୍ୟଟନର ଭୂମିକା ସଂପର୍କରେ ସୂଚନା ଦେଇଛନ୍ତି। ଏହା ସ୍ୱଳ୍ପ ସମୟ ଆବଶ୍ୟକ କରିବ ଏବଂ ଅନ୍ୟ ଗ୍ରହକୁ ଯାତ୍ରା କରିବା ତୁଳନାରେ ଯଥେଷ୍ଟ ଶସ୍ତା ପଡ଼ିବ। ଭବିଷ୍ୟତରେ ଭ୍ରମଣକାରୀ ସେବା ସଂସ୍ଥାମାନେ ଚନ୍ଦ୍ର ପର୍ଯ୍ୟଟନରୁ ଅଧିକ ଅର୍ଥ ଆୟ କରିପାରିବେ। ଚନ୍ଦ୍ରରେ ବସତି ସ୍ଥାପନ କରାଯାଇପାରିବ କି ନ ପାରିବ, ଏ ସଂପର୍କରେ 'ନାସା'ର ବୈଜ୍ଞାନିକ କ୍ରିସ୍ ମ୍ୟାକେ କୁହନ୍ତି, 'ଅନ୍ୟ ଗ୍ରହ ମଙ୍ଗଳକୁ ଯାତ୍ରା କରିବା ପାଇଁ ଚନ୍ଦ୍ରକୁ ଏକ ଭିତ୍ତି ଷ୍ଟେଶନ ଭାବେ ବ୍ୟବହାର କରାଯାଇପାରିବ। ଚନ୍ଦ୍ରର ସ୍ୱଳ୍ପ ମାଧ୍ୟାକର୍ଷଣ ଶକ୍ତି ହେତୁ ସେଠାରୁ ମଙ୍ଗଳ ଗ୍ରହକୁ ରକେଟ୍ ଉତ୍କ୍ଷେପଣ ସହଜସାଧ୍ୟ ହେବ। କାରଣ ଏଠାରୁ ରକେଟ୍‌ର ପଳାୟନ ପରିବେଗ କମ୍ ରହିବ।' ଯୁକ୍ତରାଷ୍ଟ୍ର ଆମେରିକା ଆସନ୍ତା ପାଞ୍ଚରୁ ସାତ ବର୍ଷ ମଧ୍ୟରେ ସ୍ୱଳ୍ପ ଖର୍ଚ୍ଚରେ ଅର୍ଥାତ୍ ମାତ୍ର ୧୦ ବିଲିୟନ ଡଲାର ବିନିମୟରେ ଚନ୍ଦ୍ରପୃଷ୍ଠରେ ମନୁଷ୍ୟ ଅବତରଣ କରାଇବାର ଯୋଜନା ଜାରି ରଖିଛି।

- ୫୭, ଜଗମୋହନ ନଗର, ଜାଗମରା, ଖଣ୍ଡଗିରି, ଭୁବନେଶ୍ୱର-୩୦

# ସ୍ମରଣୀୟ

ବିଜୟ ନାୟକଙ୍କ ଜନ୍ମ ୧୯୬୦ରେ, ଭଦ୍ରକ ଜିଲାର ହଳଧରବିନ୍ଧା ଗାଁରେ। ପ୍ରକାଶିତ ଗଳ୍ପଗ୍ରନ୍ଥ: 'ଆଦ୍ୟ ଆଷାଢ଼', 'ଅନେକ ଦିନ ପରେ ବର୍ଷା', 'ଭାରି ମେଘରାତି', 'ଆର ଥରକୁ', 'ନୀଡ଼ ନିବିଡ଼' ଓ 'ଭରାନଈ'। ଉପନ୍ୟାସ: 'ଗ୍ରାସ'। ଓଡ଼ିଆ କଥା ସାହିତ୍ୟକୁ ପ୍ରତିଭାଦୀପ୍ତ ଅବଦାନ ପାଇଁ ରାଜ୍ୟସ୍ତରୀୟ ବହୁ ସମ୍ମାନରେ ସେ ସମ୍ମାନିତ, ଯହିଁରେ ସାମିଲ 'କହ୍ନେଇ କଥା ସମ୍ମାନ' (ଚନ୍ଦ୍ରଭାଗା), 'ଗୋକର୍ଣ୍ଣିକା ସମ୍ମାନ', 'କାଦମ୍ବିନୀ ଗଳ୍ପ ସମ୍ମାନ' ଓ 'ଝଙ୍କାର ଗଳ୍ପ ପୁରସ୍କାର'। ଅଗ୍ରଣୀ ଗଳ୍ପ ପତ୍ରିକା 'କାହାଣୀ'ର ଏଇ ପ୍ରତିବଦ୍ଧ ସମ୍ପାଦକଙ୍କର ଏକ ବହୁପଠିତ ଗଳ୍ପ 'ଭରାନଈ' ଏଥରର 'ସ୍ମରଣୀୟ'ରେ...



ବିଜୟ ନାୟକ

# ଭରାନଈ

ଲିଜା କହିବ କହିବ ହୋଇ କହିପାରୁ ନ ଥିଲା କିଛି। କେମିତି କହିବ? କାହାକୁ କହିବ? ବୋଉକୁ ନା ଦେଈକୁ? ବୋଉ ଆଗରେ କ'ଣ ଏସବୁ କଥା କେବେ ବି କହିହେବ? ଦେଈ ପାଖରେ ତ କିଛି କହିବାକୁ ବି ଜିଭ ଲେଉଟୁ ନାହିଁ, ଅଧାରୁ ରହିଯାଉଛି କଥା। ହୁଏତ ସବୁକଥା କହି ହୋଇଥା'ନ୍ତା ସହପାଠିନୀ ଝୁନୁକୁ। କିନ୍ତୁ ସେ ବର୍ଷେ ହେଲା ଯେ ବାହା ହୋଇଗଲାଣି। ଏବେ ଦୂର କେଉଁ ଗାଁରେ ଥିବ ତା' ବର ସାଙ୍ଗରେ।

ଲମ୍ବା ଖରାଛୁଟି ସରିସରି ଆସୁଥିଲା। ତା'ପରେ ଲିଜା ଚାଲିଯିବ କଲେଜକୁ। ପ୍ଲସ୍ ଥ୍ରୀରେ ନାଁ ଲେଖାଇବ। ରହିବ ହଷ୍ଟେଲରେ ଓ ହଜିଯିବ ପଢ଼ାପଢ଼ିରେ। ତା' ମନର କଥାସବୁ ସେମିତି ଅକୁହା ରହିଯିବ।

ବୋଉକୁ ନିରୋଳାରେ ପାଇ ସେଦିନ ଲିଜା ଅକସ୍ମାତ୍ କହି ପକେଇଥିଲା, ''ବୋଉ, ତୋତେ ଗୋଟେ କଥା କହିବି ବୋଲି କେବେଠୁଁ ଭାବିଲିଣି, କହିପାରିନି।'' ଏତିକି କଥା ତା' ପାଟିରୁ ବାହାରିଛି କି ନାହିଁ, ସେ ନିଜେ ନିଜ ଜିଭକୁ ଜୋରରେ କାମୁଡ଼ି ପକେଇଲା। ବୋଉ ଯାହାହେଉ ସେତେବେଳେ ଅନ୍ୟମନସ୍କ ଥିଲା। ଲିଜାର କିଛି କଥା ସେ ଠିକ୍ ଶୁଣିପାରିଲା ନାହିଁ। ଓଲଟି ପଚାରିଲା, ''କ'ଣ କହିବୁ କିଲୋ ମା'?'' ଲିଜା ସୁଯୋଗ ଖୋଜୁଥିଲା। କଥାଟାକୁ ବାଆଁରେଇ ଦେଲା।

ପୁଣି ଏହି ପହିଲି ରଜର ଦି' ଦିନ ଆଗର କଥା। ସଞ୍ଜବେଳେ ଦେଈ ସହିତ ବସି ଏଣୁତେଣୁ ଗପ କରୁକରୁ ଲିଜା କହିଦେଲା, ''ଦେଈ, ତୋତେ ଗୋଟେ ପ୍ରଶ୍ନ ପଚାରିବି, ଭାବୁଛି ତୋ' ପାଖରେ ତା'ର ଉତ୍ତର ଅଛି।'' ଦେଈ କହିଲା, କ'ଣ ପଚାରିବୁ, ପଚାରୁନୁ ଏଇନେ। ଲିଜା କିନ୍ତୁ ନୀରବିଗଲା ନିଜ ଭିତରେ। କହିବ କି ନାହିଁ ଭାବିହେଲା। ହଠାତ୍ ତା' ଓଠ ଅଠାଅଠା ଲାଗିଲା। ସେହିକ୍ଷଣି କେଉଁଠି ଥିଲା କେଜାଣି, ଅଦିନିଆ ବାଆ ଯେ ବହିଲା ଗାଁର ଛାତି ଥରେଇ, ବରଷା ଚାଟିରି ଖେଳିଲା ଦାଣ୍ଡଘାଟରେ। କଥା ସେଇଠୁ ରହିଲା। ଲିଜା ତ୍ରାହି ପାଇଗଲା ସେଦିନ। ଦେଈ ଆଉ ସେ କଥା ଉଠାଇଲା ନାହିଁ।

ଦେଈକୁ କ'ଣ କହିହେବ ଯେ ଢେର ଦିନ ହେଲା ଜଣେ ସୁନ୍ଦର ରାଜକୁମାର ତା'ପାଖକୁ ଆସୁଛନ୍ତି। ପ୍ରଥମେ ପ୍ରଥମେ ଭାରି ଅସ୍ପଷ୍ଟ ଲାଗୁଥିଲା ତାଙ୍କ ଚେହେରା।

ଲିଜା ପୁଣି ଖୁବ୍ ଲାଜ କରୁଥିଲା ତାଙ୍କୁ। ଏବେ କିନ୍ତୁ ବାରମ୍ବାର ଆସୁଛନ୍ତି ସେହି ଦିବ୍ୟ-ତରୁଣ। ଲିଜା ତାଙ୍କୁ ଦେଖି ଗୋଟାପଣେ ବତୁରିଯାଉଛି ଭିଜାମାଟି ପରି।

ଲିଜା ନବମ ଶ୍ରେଣୀରେ ପଢୁଥିଲା; ତା' ଭିତରେ କ'ଣ ଗୋଟେ ଘଟୁଚି ବୋଲି ସେ ଧୀରେଧୀରେ ଅନୁଭବ କଲା। ଭାରିଭାରି ଲାଗିଲା ତା' ଦେହ, ଅଥଚ ଟିକି ଚଢ଼େଇଟେ ପରି ତା' ମନଟା ଯେମିତି ଉଡ଼ି ବୁଲିବାକୁ ଉଚ୍ଚାଟ ହେଲା। ବଦଳି ଯାଉଥିବା ନିଜ ଦେହ ତାକୁ ଯେତେ ଆମୁହରା କଲାନାହିଁ, ନୀଳ ଆକାଶକୁ ହାତପାହାନ୍ତାରେ ଧରି ରଖିବା ଲାଗି ତା' ମନର ବ୍ୟାକୁଳତା ତାକୁ ତାଠୁଁ ବଳି ଚକିତ କଲା। ଅବଶ୍ୟ ହଠାତ୍ ଦିନେ ତାକୁ ଲାଗିଲା ଯେ ଗୋଟେ କଢ଼ି ପରି ସେ ଫୁଟିଯାଇଛି ନିଜ ଅଜାଣତରେ। ସେ ହଡ଼ବଡ଼େଇଗଲା ତତ୍‌କ୍ଷଣାତ୍। କିନ୍ତୁ ପରେପରେ ସେ ବୁଝିଗଲା ଯେ ନଈ ନିଜେ ଜାଣି ନ ଥାଏ, କେବେ ବନ୍ୟା ଆସିବ ତା' ଦେହରେ, ଜଣା ନ ଥାଏ ସେମିତି ବି ସହକାରକୁ, ମୁକୁଳିତ ହେବାର ମୁହୂର୍ତ୍ତ।

ଅଦିନରେ ଲିଜା ବଉଳଫୁଲର ବାସ୍ନାରେ ବିମୋହିତ ହେଲା। ବିଭୋର ହେଲା ଅସୁମାରି ସ୍ୱପ୍ନରେ। ତା' ଦେହରେ ଫୁଟିଲା କଦମ୍ବ; ଚମ୍ପାଫୁଲ ମହକରେ ଯେମିତି ବାଟ ହୁଡ଼ିଲା ତା' ମନ। ଠିକ୍ ସେହି ସମୟରେ ଗୋଟେ ଝାପ୍‌ସା ମୁହଁ ତାକୁ ଅଥୟ କଲା ମୁହୁର୍ମୁହୁଃ। ସେଦିନ ସେ ଦେଈ ପାଖରେ ଶୋଇଥିଲା ଗୋଟିଏ ବିଛଣାରେ। ଦେଈ କହିଲା, ''ଲିଜା, ନିଦରେ ଏମିତି ବାଉଳି ହଉଛୁ ଯେ? ସ୍ୱପ୍ନ ଦେଖିଲୁ ନା କ'ଣ? ଏମିତି ଥରୁଛୁ କାହିଁକି? ଭୂତ ସ୍ୱପ୍ନ ଦେଖିଲୁ କି?'' ଦେଈର ପାଟି ଶୁଣି ଲିଜାର ନିଦ ଭାଙ୍ଗି ଯାଇଥିଲା। ଆଉ ନିଦ ଭାଙ୍ଗିଲାକ୍ଷଣି ଚିତ୍ରପ୍ରତିମା ପରାୟ ରାଜକୁମାର ସ୍ମୃତିରେ ନ ଥିଲେ। ଅଥଚ ଝାଳେଇ ଯାଇଥିଲା ଲିଜାର ତମାମ ଶରୀର। କିନ୍ତୁ ସେ କିଛି କହିଲା ନାହିଁ। କଡ଼ ଲେଉଟାଇ ଶୋଇପଡ଼ିଲା ପୁଣି।

ସେହିଦିନଠୁଁ ରାଜକୁମାରଙ୍କ ଆସିବାଯିବା ଲାଗି ରହିଛି। କେତେବେଳେ ସେ ପକ୍ଷୀରାଜ ଘୋଡ଼ା ଚଢ଼ି ଆସନ୍ତି ତ କେତେବେଳେ ଓହ୍ଲେଇ ଆସନ୍ତି ମେଘରୁ, ବିଜୁଳି ପରି। ପୁଣି କେତେବେଳେ ଜହ୍ନ ଆଲୁଅର ରୁପା ନଈରେ ଭାସିଭାସି ଆସନ୍ତି ସୁନାର ନଉକା ଚଢ଼ି। ତାଙ୍କ କଥାରେ ବାନ୍ଧି ହୋଇଯାଏ ଲିଜା। କିନ୍ତୁ ସେ କେଉଁ ଦେଶର ରାଜପୁତ୍ର ବୋଲି ପଚାରିଲା ବେଳକୁ ସେ ଅନ୍ତର୍ଦ୍ଧାନ ହୋଇ ସାରିଥା'ନ୍ତି। ଲିଜା ଚାରିଆଡ଼କୁ ଚାହେଁ, ଖୋଜେ ପ୍ରିୟ ରାଜପୁତ୍ରଙ୍କୁ। ପୁଣି ତାଙ୍କୁ ନ ପାଇବା ଦୁଃଖରେ ଭୋ କରି କାନ୍ଦିପକାଏ। ତା'ପରେ ତା' ନିଦ ଭାଙ୍ଗିଲାବେଳକୁ ସେ ଦେଖେ, ଦେଈ ଉଠିସାରିଛି ଓ ପଚାରୁଛି, ''କି ସ୍ୱପ୍ନ ଦେଖିଲୁ ଯେ ଏମିତି କଇଁକଇଁ ହୋଇ କାନ୍ଦୁଛୁ?'' ଲିଜା ଲାଜେଇଯାଏ, କହେ ନାହିଁ କିଛି।

ବେଳେବେଳେ ରାଜକୁମାର ଆସନ୍ତି ଫଗୁଣର ଦଲକାଏ ବାତୁଳ ପବନ ପରି। ଆହା... ମହଣେ ମଲ୍ଲୀର ବାସ୍ନାରେ ଲିଜାର ନାକ ପୋତିପଡ଼େ। ଲିଜା ଦେଖିଲାବେଳକୁ କୁମାର ଧରିଥା'ନ୍ତି କୁନିକୁନି ନକ୍ଷତ୍ରର ମାଳାଟିଏ। କହନ୍ତି, ''ନିଅ ରାଜନନ୍ଦିନୀ, ଏ ମାଳାଟି-ମୁଁ ତୁମ ଲାଗି ନିଜ ହାତରେ ଗୁନ୍ଥିଛି।''

''ମୁଁ କିପରି ରାଜନନ୍ଦିନୀ ହେଲି? ମୁଁ ଯେ କୃଷକ କନ୍ୟା!'' କହେ ଲିଜା।

ସେ କୁହନ୍ତି, ''ତୁମେ ବୁଝିପାରିବ ନାହିଁ ସେ କଥା। ନିଅ, ନିଅ, ଏ ପାରିଜାତ ଫୁଲର ମାଳାଟି। ତୁମକୁ ବେଶ୍ ମାନିବ।''

''ପାରିଜାତ ଫୁଲ!'' ବିଶ୍ୱାସ କରିପାରେ ନାହିଁ ଲିଜା। କିନ୍ତୁ କୁମାର ନିଜେ ତାକୁ ପିନ୍ଧାଇ ଦିଅନ୍ତି ମାଳାଟି। ତା' ପରେ କୁମାରଙ୍କ ବଣ୍ୟହାତର ଆଉଁଶାରେ ସେ ଶିହରିତ ହୁଏ। ବେଳେବେଳେ ଲିଜାର ଘନକୃଷ୍ଣ କବରୀର ଗହନବନରେ ବାଟବଣା ହୁଅନ୍ତି ନିଜେ ରାଜପୁତ୍ର। ଲିଜା ହସିଦିଏ, ମନଖୋଲା ହସ। ତା'ପରେ ସେ ଧଡ଼ପଡ଼ ହୋଇ ଉଠେ। ଦେଖିଲାବେଳକୁ ଦେଈ ତା'ର ମୁଣ୍ଡ ଆଉଁଶୁଛି। କହୁଛି, ''ଆଜି କି ସ୍ୱପ୍ନ ଦେଖିଲୁ କି ଲୋ, ଖିଲିଖିଲି ହୋଇ ହସୁଛୁ?'' ଲିଜା ଛାତିରୁ ଶିହ୍‌ରାର ସେତେବେଳଯାଏଁ କମିନଥାଏ। ସେ ଶୋଇଯିବାର ଅଭିନୟ କରେ।

ଏମିତି ସବୁ ରାତିରେ ସ୍ୱପ୍ନ, ସବୁ ସ୍ୱପ୍ନରେ ରାତି।

ଦେଈ କହିଲା, ''ଲିଜା, ତୁ ଏମିତି ବାରବାର ସ୍ୱପ୍ନ ଦେଖିବା, ସ୍ୱପ୍ନରେ କଥାବାର୍ତ୍ତା କରିବାଟା ମୋଟେ ଭଲ ନୁହେଁ। ଏହା ଗୋଟେ ସାଇକୋଲୋଜିକାଲ ଡିଜିଜ୍ ହୋଇଥାଇପାରେ। ଦେଖିବା, ମୁଁ କଲେଜ ଗଲେ ସାଇକୋଲୋଜିର କୌଣସି ଜଣାଶୁଣା ସାର୍‌ଙ୍କୁ ଏକଥା ପଚାରିବି।'' ଲିଜା ସାଇକୋଲୋଜିକାଲ ଡିଜିଜ୍ କ'ଣ ଜାଣି ନ ଥିଲା। ଏକଥା ଶୁଣି ସେ ଭାରି ଡରିଗଲା। ଦେଈକୁ କିଛି ବି କହିଲା ନାହିଁ। କାରଣ ସେ ଜାଣିଥିଲା ଯେ ଦେଈର କଲେଜ ଖୋଲିବ ଖୁବ୍‌ଶୀଘ୍ର। ସେ ତା'ପରେ କଲେଜ ହଷ୍ଟେଲ୍‌ରେ ଯାଇ ରହିବ। ଫେରିବ ଯାଇ ମାସେ କି ଦି' ମାସ ପରେ। ସେତେବେଳକୁ ତା'ର ଏସବୁ କଥା କିଛି ବି ମନେ ନ ଥିବ।

ସତକୁ ସତ ଦେଈ କଲେଜ ପଳେଇଲା। ଲିଜା ପାଠପଢ଼ାରେ ମନଦେଲା। ଚାହୁଁଚାହୁଁ ନବମ ଡେଇଁ ଦଶମରେ ପଢ଼ିଲା। ହାଇସ୍କୁଲ ପରୀକ୍ଷା ଦେଇ ପାସ୍ କଲା ଏକା ଚାମ୍ପରେ। ଏସବୁ ଭିତରେ କିନ୍ତୁ ତା'ର ରାଜକୁମାରଙ୍କ ସହିତ ବରାବର ଦେଖା ହେଉଥିଲା ଓ ସେମାନେ ଦୀର୍ଘ ସମୟ ଧରି ଗପସପ କରୁଥିଲେ।

ୟା' ଭିତରେ ଅବଶ୍ୟ କୁମାରଙ୍କ ଫାଜିଲାମି ବେଶ୍ ବଢ଼ି ଯାଇଥିଲା। ଏଇ ଯେମିତି ସେ ଲିଜାର ହାତ ଧରୁଥିଲେ ଯେ ଧରୁଥିଲେ, ଆଉ ଛାଡୁ ନ ଥିଲେ ଜମା। ତାକୁ ଚାହିଁ କ'ଣ ସବୁ ଭାବୁଥିଲେ ଯେ ଭାବୁଥିଲେ, ଅନ୍ୟମନସ୍କତା ଭିତରୁ ଫେରିବାକୁ ତାଙ୍କୁ ଲାଗୁଥିଲା ଅବା ଗୋଟେ ବର୍ଷ। ବେଳେବେଳେ ପୁଣି ତାକୁ ସେ ତାଙ୍କ ବାହୁବନ୍ଧନରେ ବାନ୍ଧି ରଖୁଥିଲେ ଯେ ରଖୁଥିଲେ, ଯେମିତି ଗୋଟେ ଯୁଗ ଶେଷ ନ ହେବା ପର୍ଯ୍ୟନ୍ତ। ଲିଜା ଅବଶ୍ୟ ବେଳେବେଳେ କୃତ୍ରିମ ବିରକ୍ତି ପ୍ରକାଶ କରୁଥିଲା ତାଙ୍କ ଉପରେ। ଥମଥମ ହେଉଥିଲା ରାଗରେ। ତାଙ୍କଠାରୁ ଦୂରେଇ ଯାଉଥିଲା ଯୋଜନେ ଅଭିମାନରେ।

କିନ୍ତୁ ଲିଜା ରାଜପୁତ୍ରଙ୍କୁ ସତରେ ଭୁଲିପାରୁ ନ ଥିଲା। ଏକ ତୀବ୍ର ଆକର୍ଷଣରେ ସେ ଯେମିତି ହୋଇଥିଲା ଆତ୍ମବିସ୍ମୃତ। ଇଚ୍ଛା କରି ବି ତାଙ୍କୁ କେବେ ନାହିଁ କରିପାରୁ ନ ଥିଲା କୌଣସି କଥାରେ। ବାରମ୍ବାର ମନେପଡୁଥିଲା ଲିଜାର, କୁମାର କିପରି ତା' ମନରେ ଭରିଦିଅନ୍ତି ବିକଚ ଶତଦଳର ଶିହରଣ। ତା' ସର୍ବାଙ୍ଗରେ କିପରି ଆଙ୍କିଦିଅନ୍ତି ସହସ୍ର ତାରାର ଆକାଶ। ପୁଣି ତା' ନିତମ୍ବଚୁମ୍ବୀ କୁନ୍ତଳରେ ବେଳେବେଳେ ସୃଜନ୍ତି ନୀଳନଦୀର ବର୍ଣ୍ଣବିଭା।

ସେତେବେଳେ ଲିଜାର ସଂଜ୍ଞାହୀନ ଅବସ୍ଥା।

ଲିଜା କଲେଜରେ ଭର୍ତ୍ତି ହେଲାବେଳକୁ ତା' ଦେଈ ଚାଲିଯାଇଥିଲା ଆଉ ଏକ ସହରକୁ ବିଏଡ୍ କରିବା ପାଇଁ। ଲିଜା ରହିଲା ହଷ୍ଟେଲରେ। ତା' ଗେଲବସର ଜୀବନରେ ଯବନିକା ପଡ଼ିଲା ସେଇଠୁ। ନୂଆନୂଆ କଲେଜ ଜୀବନ ତାକୁ କେମିତି ବେଖାପ ଲାଗୁଥିଲା। ସେ ଅନ୍ୟ ସହପାଠିନୀମାନଙ୍କ ସହିତ ନିଜକୁ ଏତେଶୀଘ୍ର ଖାପ ଖୁଆଇପାରୁ ନ ଥିଲା। ତା'ର ବେଶୀବେଶୀ ଘରକଥା ମନେପଡୁଥିଲା କଲେଜରେ। ବାରମ୍ବାର ଦିଶିଯାଉଥିଲା ବୋଉର ମୁହଁ। କୁମାର ବୋଧେ ଲିଜାର ନୂଆ ଠିକଣା ପାଇ ନ ଥିଲେ। ତାଙ୍କ ଦେଖା ମିଳିଲାନି କିଛିଦିନ। ଲିଜା ଅସ୍ଥିର ହେଉଥିଲା ମନେମନେ। କଲେଜ ଆସିବା ପୂର୍ବରୁ କୁମାରଙ୍କୁ ଠିକଣାଟା ଦେବା କ'ଣ ତା'ର ଉଚିତ ନ ଥିଲା?

ଲିଜା ଭାବୁଥିଲା, କୁମାରଙ୍କୁ ଆଉ ବେଉରା ଦେବ କି? ତା' ପରେ ସେ ମନେମନେ ହସୁଥିଲା। କୁମାରଙ୍କ ଠିକଣା କୋଉ ବା ତାକୁ ଜଣାଅଛି? ଯେତେଥର ତାଙ୍କୁ ପଚାରିଛି ଲିଜା, କେଉଁ ଦେଶର ତୁମେ ରାଜକୁମାର, ସେତେଥର ହସି ଦେଇଛନ୍ତି। କେବେକେବେ ହୋଇଛନ୍ତି ମୂକବତ୍ ନୀରବ। ଏଥର ଦେଖାହେଲେ ସେ ଆଗ ତାଙ୍କ ଠିକଣାଟା ରଖିନେବ, ଭାବୁଥିଲା ଲିଜା। କିନ୍ତୁ ସେ ଏଠିକି ଆସିଲେ ତ? କୁମାର ଲିଜାକୁ ଛାଡ଼ି ବେଶିଦିନ ରହିପାରିଥା'ନ୍ତେ କି ଏକାଏକା? ସେ ଆସିଲେ ପୁନଶ୍ଚ। ଏଥର ଲିଜା ଲାଜେଇଗଲା ଖୁବ୍, ଦେଖିଲାକ୍ଷଣି ତାଙ୍କୁ। ସଳଖି ଚାହିଁପାରିଲା ନାହିଁ ତାଙ୍କ ମୁହଁକୁ। କିନ୍ତୁ କେତେ ସମୟ ଅବା ପାଖରେ ପାଇ ବି ନ ଦେଖି ତାଙ୍କୁ ସେ ରହିପାରିଥାନ୍ତା? ''ଅୟି, ରାଜନନ୍ଦିନୀ,'' ଏହି କୋମଳ ଉଚ୍ଚାରଣ ପୁନର୍ବାର ଲିଜା ଶୁଣିଲାକ୍ଷଣି ବାଲିବନ୍ଧ ପରି ଭାଙ୍ଗିଗଲା ତା' ମନର ଆକଟ। ଏଥର ରାଜକୁମାର ଆସିଲେ ନାହିଁ ନିଜେ, ଦୂରରୁ ଡାକିଲେ ''ଆସ, ଆସ'' ବୋଲି। ଲିଜା ବିଛଣାରୁ ଉଠିଲା ଧଡ଼ପଡ଼ ହୋଇ। ତା' ତୀକ୍ଷ୍ଣ ଚାହାଣିରେ ଅବା ଖୋଲିଗଲା ହଷ୍ଟେଲର ସବୁଦ୍ୱାର, ଦ୍ୱାରାନ୍ତର। ସେ ଚାଲିଲା କୁମାରଙ୍କ ପଛେପଛେ, ବେଶ କିଛିଦୂର। ତା'ପରେ ଯେମିତି ହଜିଗଲା ତାଙ୍କ ଗାଢ଼ ଆଶ୍ଳେଷରେ, ସମ୍ମୋହନରେ।

ଅସରନ୍ତି ଗପ, ଅସରନ୍ତି ରାତି। ସବୁ ଲାଗେ କିନ୍ତୁ ମୁହୂର୍ତ୍ତିଏ ପରି। ଶୀତଳ ପବନର ମଧୁର ଚୁମ୍ବନ ଅବା କେବେକେବେ କେଉଁ ଅଜଣା ଚଢ଼େଇର ଲଳିତ ରାଗିଣୀ, ରାତି ପାହି ଆସିବାର ସଙ୍କେତ ଦିଅନ୍ତି। ଦିଗନ୍ତର ନୀଳିମାରେ ମିଶିଯାଆନ୍ତି କୁମାର, ଫେରିଆସେ ଲିଜା, ହଷ୍ଟେଲକୁ।

ବିଜ୍ଞାନ ପଢୁଥିବା ଲିଜାର ରୁମ୍‌ମେଟ୍ ରୁବି ଥରେ ଲିଜାକୁ କହିଲା ଏକାନ୍ତରେ- ''ଅନେକ ଦିନ ପରେ ମୁଁ ଭାବିଲି, ତୋଠୁଁ କଥାଟି ଲୁଚେଇ ରଖିବିନି, କେମିତି ଲୁଚେଇବି ଯେ?'' କଥା କ'ଣ କହୁନୁ ବୋଲି ଲିଜା ନିଜ ସନ୍ତର୍ପଣ ଭାବଟିକୁ ଗୋପନ ରଖି କହିବାରୁ ରୁବି ଫିଟେଇଲା ପେଡ଼ି- ''ଲିଜା, ତୁ ରାତିଅଧରେ ନିଦ ବାଉଳାରେ ଉଠିପଡ଼ି କେଉଁଆଡ଼େ ଚାଲିଯାଉଛୁ ଅକସ୍ମାତ୍? କିଛି ସମୟ ପରେ ପୁଣି ଫେରିଆସୁଛୁ- ତୋ' ଆଖିରେ ସେତେବେଳେ ବି ସେମିତି ବହଳ ନିଦର ଲେପ, ଢଳଢଳ ପାଦ।''

''ମୋର କିନ୍ତୁ କିଛି ମନେପଡୁନି।'' ଲିଜା ଉତ୍ତର ଦେଲା। ରୁବି ସେଇଠୁ କହିଲା, ''ତୁ ଜାଣିପାରୁ ନ ଥିବୁ...। ମୁଁ କିନ୍ତୁ ଅନେକଥର ତୋତେ ଏମିତି ଅବସ୍ଥାରେ ଦେଖିଛି। ମୁଁ ତ ପ୍ରଥମେ ଆଶ୍ଚର୍ଯ୍ୟ ହେଲି। ତୋତେ ପୁଣି ସନ୍ଦେହ କଲି।''

''ଆଚ୍ଛା?'' ଲିଜା ଏତକ କହି ହସିଦେଲା। ରୁବି କିନ୍ତୁ କହି ଚାଲିଥିଲା- ''ଦିନେ ପୁଣି ମୁଁ ସାହସ ବାନ୍ଧି ତୋ' ପଛେପଛେ ଗଲି। ହଷ୍ଟେଲ ପଛର ସେ ପଡ଼ିଆ ଆଡ଼କୁ ତୁ ଯାଉଥିଲୁ, ଯନ୍ତ୍ରଚାଳିତ କଣ୍ଢେଇଟେ ପରି। କିନ୍ତୁ ଏତେ ତୋଫା ଜହ୍ନରାତିରେ ତୁ କୁଆଡ଼େ ହଜିଗଲୁ କିଲୋ? ମୁଁ ତୋତେ ଖୋଜିଖୋଜି ନୟାନ୍ତ ହେଲି, କିନ୍ତୁ ପାଇଲି ନାହିଁ। ଭାରି ଡରମାଡ଼ିଲା ମୋତେ। ଧଇଁସଇଁ ହୋଇ ଦୌଡ଼ି ପଳାଇ ଆସିଲି ହଷ୍ଟେଲକୁ।''

''ତା' ପରେ?'' ଲିଜା ମୁହଁରେ ପ୍ରଶ୍ନବାଚୀ।

''ତୁ ଢେର ସମୟ ପରେ ଫେରିଲୁ ସେଦିନ, ମଦାଳସା ମୂର୍ତ୍ତିଟେ ପରି।'' ରୁବିର କଥା କିନ୍ତୁ ଏଇଠୁ ସରିଲା ନାହିଁ। ଲିଜାର ଅନାଗ୍ରହ ସତ୍ତ୍ୱେ ସେ ଗପିଚାଲିଲା- ''ନିଦରେ ଏମିତି ଚାଲିବାଟା ଭଲ ଲକ୍ଷଣ ନୁହେଁ। ଏଟା ଗୋଟେ ବେମାରି, ବୁଝିଲୁ? ସୋମ୍‌ନାବୋଲିଜିମ୍। ଜଣେ ସାଇକିଆଟ୍ରିଷ୍ଟ ପାଖକୁ ଯିବା। ଏକଥା ଯେମିତି କେହି ନ ଜାଣନ୍ତି।'' ଲିଜା ମୁଣ୍ଡ ହଲେଇଲା। ରୁବି ବୁଝିଲା, ଲିଜା ରାଜି ତା' କଥାରେ।

ସାଇକିଆଟ୍ରିଷ୍ଟ ପାଖକୁ କିନ୍ତୁ ଯିବା ଦରକାର ପଡ଼ିଲା ନାହିଁ। ସେତେବେଳକୁ ପରୀକ୍ଷା ପାଖେଇ ଆସିଥିଲା। ପାଠର ଭାର ଲଦି ହୋଇ ଯାଇଥିଲା ସଭିଙ୍କ ମୁଣ୍ଡରେ। ସାରା ରାତି ପାଠପଢ଼ା; ହଷ୍ଟେଲରୁ ରାତି ହଜିଗଲା। ସାଇକିଆଟ୍ରିଷ୍ଟ ପାଖକୁ ଯିବା କଥା ବୋଧେ ରୁବିର ଆଉ ମନେପଡ଼ିଲା ନାହିଁ। ଲିଜାକୁ ଆଉ ନିଦରୁ ଉଠାଇଲେ ନାହିଁ ରାଜକୁମାର, 'ଆସ ଆସ' ବୋଲି ଡାକିଲେ ବି ନାହିଁ।

ଦୀର୍ଘ ପାରିଧିରେ ଥିଲେ କି ଆଉ ଯୁବରାଜ?

ପରୀକ୍ଷା ଦେଇସାରି ଲିଜା ଗାଁକୁ ଫେରିବା ଆଉ ଯୁବରାଜଙ୍କର ପାରିଧିରୁ ପ୍ରତ୍ୟାବର୍ତ୍ତନ ଏକକାଳୀନ ଘଟିଥିଲା ସମ୍ଭବତଃ। ନ ହେଲେ ସେ ଗାଁରେ ପହଞ୍ଚୁ ପହଞ୍ଚୁ ରାଜକୁମାରଙ୍କ ଦେଖାପାଇଥା'ନ୍ତା କିପରି?

ଲିଜା କିନ୍ତୁ ଏଥର ବହେ ଅଭିମାନ କଲା କୁମାରଙ୍କ ଉପରେ। କଥା ହେବନାହିଁ ବୋଲି କହିଲା। କୁମା କହିଲେ, ''କଥା ତ ହୋଇ ସାରିଲଣି, ପୁଣି କଥା ହେବନି କିପରି?'' ନିଜ ମୂଢ଼ପଣ ବୁଝିବା ପାଇଁ ଲିଜାକୁ ସମୟ ଲାଗିଲା ନାହିଁ। ସେ ଫିକ୍ କରି ହସିଦେଲା ଯେ ଚନ୍ଦ୍ରଉଦିଆରେ ଝଲସି ଉଠିଲେ ରାଜପୁତ୍ର। ଲିଜା ପୁଣି କହିଲା, ''ଏଥର ତମେ କେଉଁ ଦେଶର ରାଜକୁମାର ବୋଲି ନ କହିଲେ, ମୁଁ ଆଉ ଜମା କଥା ହେବିନି ତୁମ ସାଙ୍ଗରେ।'' କୁମାର କେଉଁ ଛାଡ଼ିବା ଲୋକ କି? ସେ କହିଲେ, ''ମୋ ସାଙ୍ଗରେ ଯିବ ଯଦି ସିନା, ମୁଁ ଦେବି ମୋ ଠିକଣା।'' କୁମାରଙ୍କ କଥା ନ ସରୁଣୁ ଲିଜା ହଁ ମାରିଦେଲା ଓ ତା'ପରେ ଲାଜକୁଳି ଲତା ପରି ଝାଉଁଳି ପଡିଲା ହଠାତ୍।

କୁମାର କିନ୍ତୁ କହିଚାଲିଲେ, ''ଏଇ ନୀଳ ଆକାଶ ଯେଉଁଠି ସରିଛି, ସେଇଠୁ ଆରମ୍ଭ ଗୋଟେ ରାଜ୍ୟର ସୀମାରେଖା। ସେହି ରାଜ୍ୟ ମଝିରେ ଗୋଟେ ମନୋରମ ନଗର। ନଗର ମଝିରେ ପୁଣି ସୁନ୍ଦର ନଅର। ରାଜନଅର। ସୁନାରେ ତିଆରି ତା' କାନ୍ଥବାଡ଼। ହୀରା, ମୋତି, ମାଣିକ୍ୟରେ ଗଢ଼ା ତା'ର ଦ୍ୱାର ଓ ଗବାକ୍ଷ। ଜରା, ବ୍ୟାଧି ଓ ମରଣରୁ ମୁକ୍ତ ସେ ସାମ୍ରାଜ୍ୟ। ସେଠି ନା ଦିନ ଅଛି, ନା ରାତି। ସେଠି କ୍ଷୁଧା ନାହିଁ କି ତୃଷ୍ଣା। ସେଠି ଋତୁର ନାମ ବସନ୍ତ। ପବନର ନାମ ପୁଣି ମଳୟ। ମୋ' ସାଥିରେ କ'ଣ ତୁମେ ଯିବ ନାହିଁ ସେଠାକୁ?''

''ନା ବାବା, ନା- ମୁଁ ଏ ମେଘବର୍ଷା, ନଈନାଳ, ଧୂଳିମାଟି, ହସକାନ୍ଦ ଓ ସୋହାଗ- ଶିହରଣର ପୃଥିବୀକୁ ଛାଡ଼ିପାରିବି ନାହିଁ।'' ଲିଜା କିଛି ଭାବିବା ଆଗରୁ ଯେମିତି ଶବ୍ଦସବୁ ଝରିପଡ଼ିଲେ ତା' ଓଠତଳୁ।

''ମାଟି ମୋହରେ କେବେଠାରୁ ଏମିତି ଲିପ୍ତ ହେଲ ଜେମାମଣି?'' ପ୍ରଶ୍ନ କଲେ କୁମାର। ଲିଜା ପ୍ରସଙ୍ଗ ବଦଳାଇ କହିଲା, ''ମୁଁ କେମିତି ଜେମା ହେଲି, କହିବ କହିବ ବୋଲି କହିଲ ନାହିଁ ତ?'' ରାଜକୁମାର ଉତ୍ତର ଦେଲେ, ''ତୁମେ ପ୍ରବାଳ ଦ୍ୱୀପର ଅଲିଅଳ ରାଜତନୟା। ଭୁଲିଯାଇଛ ପଛ କଥାସବୁ। ସମୁଦ୍ର ସୀମାନ୍ତରେ ଅଛି ଗୋଟେ ପ୍ରବାଳ ପ୍ରାଚୀର। ପ୍ରାଚୀର ଡେଇଁଲେ ଏକ ଦ୍ୱୀପ-ଚିରଲୋହିତ- ଅସ୍ତଗାମୀ ସୂର୍ଯ୍ୟ ସେଠି ଆକାଶର କାନ୍‌ଭାସ୍‌ରେ ଚିତ୍ରଟିଏ ପରି ଲାଖି ରହିଥା'ନ୍ତି ସବୁବେଳେ। ତୁମର କିଛି ବି ମନେପଡୁନି?''

ଗଭୀର ଅତୀତ ତଳୁ କିଛି ଖୋଜିବା ପାଇଁ ଚେଷ୍ଟା କରୁଥିଲା ଲିଜା। ରାଜକୁମାର କିନ୍ତୁ ସ୍ୱଦେଶ ବାହୁଡ଼ି ସାରିଥିଲେ।

ଆସ୍ତେଆସ୍ତେ ଲିଜାର ହୃଦ୍‌ବୋଧ ହେଲା ଯେ ସେ କଦାପି କୁମାରଙ୍କ କୁହା ନ ମାନି ରହିପାରିବ ନାହିଁ। ତେଣୁ ସେ ଭାବୁଥିଲା, କାହାକୁ କହିବ ବୋଉକୁ ନା ଦେଈକୁ, କୁମାରଙ୍କ କଥା? ଦେଈ ଏକଥା ଶୁଣିଲା କ୍ଷଣି ସେଇ ପୁରୁଣା ପାଠକୁ ଦୋହରାଇବ। ସାଇକୋଲଜିକାଲ ଡିଜିଜ୍ କଥା ଉଠେଇବ। ମନୋବିଜ୍ଞାନ ବିଷୟରେ ଗପିବ ବେଜାଏ। ଆଉ ବୋଉକୁ କହିଲେ? ସେ ସିଧା ଡାକିବ କୁଡୁଗୁମୁରାର ଗୁଣିଆ ଶମ୍ଭୁନାଥ ବାବାଜୀଙ୍କୁ। ଅନୁନୟ ହୋଇ କହିବ ତାଙ୍କୁ ''ମୋ' ଝିଅ ଦେହରୁ ଭୂତ ଛଡ଼ାଅ ବାବା।''

ଲିଜାର ଭାବିବା ବନ୍ଦ ହେଉ ନ ଥିଲା, ବନ୍ଦ ହେଉ ନ ଥିଲା ବର୍ଷାର ନିକ୍ୱଣ।

ବର୍ଷା ବଢୁଥିଲା। ଅଳସ ଅପରାହ୍ନ ସୃଷ୍ଟି କରୁଥିଲା ଗୋଧୂଳିର ଭ୍ରମ। ଲିଜା ଦେଖିଲା ଅଦୂର ପାହାଡ଼ ବୁକୁରେ ମେଘର ଅଭିସାର। ମେଘ ବନ୍ଧନରେ ପାହାଡ଼ ନା ପାହାଡ଼ର ଆଶ୍ଳେଷରେ ମେଘ, ବୁଝି ହେଉ ନ ଥିଲା କିଛି। ପ୍ରେମ ଏମିତି ସବୁବେଳେ ଅବୁଝା, ଅସ୍ପଷ୍ଟ ବୋଧେ। ବର୍ଷାଧୁଆ ଗଛବୃଛ, ଗାଁ ଗୋହିରିରେ ଚବର ଚବର ପାଣି, ବାଡ଼ରେ ଜହ୍ନିଫୁଲ, ନୁଆଁଣିଆ ଚାଳ ଉପରେ କଖାରୁଲଟା ଲିଜାର ସ୍ୱପ୍ନକୁ ଉଖୁରେଇ ଦେଉଥିଲେ ଯେମିତି। ସେ ଭାବୁଥିଲା, ତାଙ୍କ ଗାଁ ନଈ ବି ବେଶ ଫୁଲେଇ ହଉଥିବ, ମେଘ ଦେଖି।

ଲିଜା କିନ୍ତୁ ସତକୁ ସତ ଫୁଲିପଡ଼ିଲା ନଈ ପରି, ମେଘକୁ ଦେଖି। ତାକୁ ଲାଗିଲା ସେ ନିଜେ ଯେମିତି ଗୋଟେ ବର୍ଷାଋତୁ। ବର୍ଷାଋତୁ ପରି ସ୍ନିଗ୍ଧା, ବିପୁଳା।

କୁମାରଙ୍କ କୋମଳ ସମ୍ବୋଧନରେ ଲିଜାର ଦେହମନ ସବୁ ତରଳିଗଲା। ସେତେବେଳକୁ ରାତି ହେବ କାହିଁରି କେତେ। ବର୍ଷା ଛାଡ଼ି ଯାଇଥିଲା। ମେଘ ଲୁଚି ଯାଇଥିଲା ପାହାଡ଼ ପଛରେ। ଜହ୍ନ ଆଲୁଅର ବନ୍ୟାରେ ଏକାକାର ହୋଇଥିଲା ଆକାଶ ଓ ପୃଥିବୀ। 'ଉଠ ଉଠ ସଖୀ' ବୋଲି ଆଉ ଥରେ କୁମାର ଡାକିଦେଲା ବେଳକୁ ଲିଜା ନ ଥିଲା ନିଜ ଆୟତ୍ତରେ। ରୁଦ୍ଧ କୋଠରିର ବନ୍ଧନ ଡେଇଁ ସେ ମିଶି ଯାଇଥିଲା ପବନରେ। କୁମାରଙ୍କ ହାତର ମିଠା ପରଶରେ ଲିଜା ଜଳୁଥିଲା ହୁତୁହୁତୁ। ବାଧା ଦେବା ପାଇଁ ତା'ର ଶକ୍ତି ନ ଥିଲା। ମନା କରିବା ପାଇଁ ନ ଥିଲା ଭାଷା। କୁମାର ତା' ହାତ ଧରି ଟାଣି ନେଉଥିଲେ ଆଗକୁ ଆଗକୁ। ଅନିଚ୍ଛା ସତ୍ତ୍ୱେ ଲିଜା କହିଲା, ''ମୋତେ କେଉଁଆଡ଼େ ନେଇଯାଉଛ ପ୍ରାଣପ୍ରିୟ?'' କୁମାର ହସିଦେଲେ। କହିଲେ, ''ଯିବା ଆମେ ବହୁ ଦୂର। ନଈ ଆରପାରିରେ ଅପେକ୍ଷା କରିଛି ପକ୍ଷୀରାଜ ଘୋଡ଼ା।''

''କୁମାର'', ଚିତ୍କାର କଲା ଲିଜା, ''ଏଇ ଯେ ଆଗରେ ନଈ! ବନ୍ୟାରେ ଉବୁଟୁବୁ। ଯିବା କେମିତି?'' କୁମାର କିଛି ବୋଧେ ଶୁଣିପାରୁ ନ ଥିଲେ। ଲିଜା ଆଶ୍ଚର୍ଯ୍ୟ ହେଲା। ପାଣି ଉପରେ ନିର୍ବିଘ୍ନରେ ଚାଲୁଛନ୍ତି କୁମାର। କିନ୍ତୁ ସେ ଅନୁଭବ କଲା, ତା' ପାଦ ଯେମିତି ବୁଡ଼ିବୁଡ଼ି ଯାଉଛି ପାଣି ଭିତରେ। ସେ କାନ୍ଦକାନ୍ଦ ହୋଇଗଲା। କହିଲା, ''କୁମାର, ମୁଁ ଯେ କ୍ରମଶଃ ଗଭୀର ନଈ ଭିତରକୁ ଚାଲିଯାଉଛି। ଏଇତ, ମୋ' କଟି ବୁଡିଯାଉଛି ପାଣିରେ। ଏବେ ମୋର ବକ୍ଷ ଓ ବକ୍ଷୋଜ, ପୁଣି ମୋର ଗ୍ରୀବା। ମୁଁ ଯେ ଅଣନିଃଶ୍ୱାସୀ ହୋଇପଡୁଛି। ସମ୍ପୂର୍ଣ୍ଣ ବୁଡ଼ିଗଲି ମୁଁ ଅଥଳ ଜଳରେ। ମୋତେ ଉଦ୍ଧାର କର କୁମାର। ତୁମେ କେଉଁଠି କୁମାର?'' ଲିଜାର ବିଳାପ ଅସ୍ପଷ୍ଟରୁ ଅସ୍ପଷ୍ଟତର ହେଲା।

ତା'ପରେ ଲିଜା ଅନୁଭବ କଲା କୁମାର ତା' ହାତ ଧରିଛନ୍ତି ଓ ସେ ଦୁହେଁ ନଈ ଉପରେ ଚାଲୁଛନ୍ତି। ତା'ର ମନେହେଲା ସେ ଯେମିତି ଫୁଲ ପରି ହାଲୁକା ପାଲଟି ଯାଇଛି ଅକସ୍ମାତ୍।

ଆଉ ଅବସାଦ ନ ଥିଲା ଲିଜା ମନରେ। ''ଆହା, ଜହ୍ନ ଆଲୁଅରେ ଥାଏ ପୁଣି ଏତେ ଉନ୍ମାଦନା! କୁମାରଙ୍କ ହାତ ଧରି ସେ କ'ଣ ଅନ୍ତରୀକ୍ଷରେ ଚାଲିଚାଲି ଯାଉଛି!'' ଲିଜା ସ୍ୱଗତୋକ୍ତି କଲା।

କୁମାର କହିଲେ, ''ଦେଖ, ଆଗରେ ଚାଲିଛି ପକ୍ଷୀରାଜ ଘୋଡ଼ା।''

''ବସିବ?'' ସେ ପୁଣି ପଚାରିଲେ।

ପକ୍ଷୀରାଜ ଘୋଡ଼ାରେ ଚଢ଼ିବାକୁ ଡରମାଡ଼ିବ ବୋଲି କହିଲା ଲିଜା। ତାକୁ କିନ୍ତୁ ସବୁ କିଛି ମନେହେଲା ଛାୟାଛନ୍ନ। କୁମାର ବୋଧେ ଲିଜା ମନର ଭାଷା ବୁଝିଗଲେ। କହିଲେ, ''ଜାଣ ପ୍ରିୟତମା, ଆମେ ଏବେ ଜହ୍ନ ରାଇଜରେ। ତମ ମାଟିର ଧରିତ୍ରୀଠାରୁ ବହୁ ଊର୍ଦ୍ଧ୍ୱରେ।''

''ତା'ପରେ ଆମେ କେଉଁ ଆଡ଼କୁ ଯିବା?'' ଲିଜା ପଚାରିଲା।

''ଜହ୍ନ ଡେଇଁଗଲେ ଆମ ଉଆସ ଦିଶିବ ଅଳପ ଅଳପ। ସେଠି ପହଞ୍ଚିଲେ ଯାଇ ଦିଶିବ ପ୍ରବାଳ ଦ୍ୱୀପ।'' ଲିଜା କୁମାରଙ୍କ କଥାର ବିନ୍ଦୁବିସର୍ଗ ବୁଝିପାରୁ ନ ଥିଲା।

X X X X X X

ଲିଜାର ଦେଈ ବଡ଼ିଭୋରରୁ ଉଠି ଦେଖିଲା କବାଟ ମୁକୁଳା, ଲିଜା ନାହିଁ ବିଛଣାରେ। ସେ ଆଶ୍ଚର୍ଯ୍ୟ ହେଲା। ଆଜି ସୂର୍ଯ୍ୟ କେଉଁଆଡୁ ଉଇଁଲେ କି ବୋଲି ପଚାରିଲା ନିଜକୁ। ଏତେ ସକାଳୁ ଲିଜା ଉଠିବା ତାକୁ ଠିକ୍ ଲାଗିଲା ନାହିଁ। ଲିଜା ତା' ଜୀବନରେ ପ୍ରଥମ କରି ହୁଏତ ଆଜି ସକାଳ ଦେଖିଥିବ, ସେ ଭାବିଲା, କିନ୍ତୁ କାହାକୁ କିଛି କହିଲା ନାହିଁ। ଏତେ ସକାଳୁ ବାପା ବୋଉ କେହି କାହିଁକିବା ଲୋଡ଼ନ୍ତେ ଲିଜାକୁ! ଯେତେବେଳେ ସକାଳ ଗଡ଼ି ଦିନ ହେଲା ଓ ଲିଜା ଘରକୁ ଫେରିଲା ନାହିଁ, ସେତେବେଳେ ସମସ୍ତଙ୍କ ଛାତିରେ ଛନକା ପଶିଲା। କାହାରି ମୁହଁରୁ ଭାଷା ଫୁଟିଲା ନାହିଁ। ବାଡୁଅ ଝିଅ ରାତାରାତି ଫେରାର କଥାଟା ଘରୁ ଆଉ ପ୍ରଘଟ ହେବ କି?

ପରେପରେ ଘର ଭିତରୁ ଲିଜାବୋଉର ବାହୁନା ଶୁଭିଲ। ଲିଜାବାପା ଦୌଡ଼ିଲେ ନଈଆଡ଼କୁ ଅତର୍କା, ପଛେପଛେ ତା' ଦେଈ।

ନଈକୂଳରେ ପହଞ୍ଚିଲେ ବାପଝିଅ ଦୁହେଁ। ଉଛୁଳା ନଈ, ଆଗକୁ ଯିବାର ବାଟ ବନ୍ଦ। ଆଖପାଖରେ ଦିଶୁ ନ ଥିଲେ ଜଣେଅଧେ କେହି ଲୋକ। ଆଖି ପାଇଲା ପର୍ଯ୍ୟନ୍ତ ଖାଲି ସବୁଜ ଧାନବିଲ। କ'ଣ ଭାବିଲେ କେଜାଣି ଲିଜାର ବାପା, ନଈର ତଳମୁଣ୍ଡକୁ ଧାଇଁଲେ। କିଛିବାଟ ଗଲା ପରେ ହଠାତ୍ ତାଙ୍କ ପାଦ ଦି'ଟା ଛାଏଁ ଅଟକିଗଲା।

ଯେଉଁଠି ଅଣ୍ଟା ଭାଙ୍ଗି ଶୋଇଥିଲା ଭରାନଈ, ଠିକ୍ ସେଇଠି ପଡ଼ି ରହିଥିଲା ଲିଜାର ଅସାଡ଼ ଦେହ। ଚହଟ ଚମ୍ପା। ଆଉ ଗୋଟେ ଭରାନଈ ଯେମିତି।

– ଭିଏ-୯/୨, ୟୁନିଟ-୨, ଭୁବନେଶ୍ୱର


''ନା ବାବା, ନା- ମୁଁ ଏ ମେଘବର୍ଷା, ନଈନାଳ, ଧୂଳିମାଟି, ହସକାନ୍ଦ ଓ ସୋହାଗ- ଶିହରଣର ପୃଥିବୀକୁ ଛାଡ଼ିପାରିବି ନାହିଁ।'' ଲିଜା କିଛି ଭାବିବା ଆଗରୁ ଯେମିତି ଶବ୍ଦସବୁ ଝରିପଡ଼ିଲେ ତା' ଓଠତଳୁ।



ଗୋପାଳ ଦାସ ସାକ୍‌ସେନା 'ନୀରଜ' ବିଶ୍ୱବିଖ୍ୟାତ ଭାରତୀୟ ହିନ୍ଦୀ କବି ଓ ଗୀତିକାର। ଉତ୍ତରପ୍ରଦେଶର ମାହେୱା ନିକଟବର୍ତ୍ତୀ ପୂରାବଲୀରେ, ୧୯୨୫ ମସିହା ଜାନୁୟାରୀ ୪ ତାରିଖରେ ତାଙ୍କର ଜନ୍ମ। ପ୍ରକାଶିତ ପୁସ୍ତକ ମଧ୍ୟରେ ୧୨ଟି ହେଉଛି କବିତା ସଙ୍କଳନ, ଯହିଁରୁ ପ୍ରମୁଖ କେତୋଟି: 'ଗୀତ୍ ଯୋ ଗୟେ ନହିଁ', 'ବଚ୍ଚନ ଯାତ୍ରୀ ଅଗ୍ନି ପଥିକା', 'ବାଦର୍ ବରଷ୍ ଗୟୋ' ଓ 'ବଂଶୀବଟ ଶୂନା ହୈ'। ୧୯୯୪ରେ ପ୍ରକାଶିତ 'ନୀରଜ ରଚନାବଳୀ'। ହିନ୍ଦୀ କବିତାରେ ଅତୁଳନୀୟ ପ୍ରତିଭାର ଅଧିକାରୀ ଏଇ ଲେଖକ, ଅଧିକ ଖ୍ୟାତ 'ହିନ୍ଦୀ କବି ସମ୍ମେଳନ'ର ମୂର୍ଦ୍ଧନ୍ୟ କବି ଭାବେ। ଭାରତୀୟ ସାହିତ୍ୟକୁ ବିରଳ ଅବଦାନ ପାଇଁ ତାଙ୍କୁ ମିଳିଛି ୧୯୯୧ରେ 'ପଦ୍ମଶ୍ରୀ' ଓ ୨୦୦୭ରେ 'ପଦ୍ମଭୂଷଣ'। 'ଯଶଭାରତୀ' ସମ୍ମାନରେ ତାଙ୍କୁ ସମ୍ମାନିତ କରିଛନ୍ତି ଉତ୍ତରପ୍ରଦେଶ ସରକାର। ଅନେକ ପ୍ରସିଦ୍ଧ ଚଳଚ୍ଚିତ୍ରରେ ଅମର ଗୀତ ଗାଇ ବହୁ ପିଢ଼ିର ଶ୍ରୋତାଙ୍କୁ ଯିଏ ଅଭିଭୂତ କରିଛନ୍ତି, ସେଇ କବି ବିଦାୟ ନେଇଛନ୍ତି ଆମଠୁଁ ଗତ ଜୁଲାଇ ୧୯ ତାରିଖରେ...

# ଆତ୍ମାର ସୌନ୍ଦର୍ଯ୍ୟର ଶବ୍ଦରୂପ କବିତା






ଗୋପାଳ ଦାସ 'ନୀରଜ'

ଗୋପାଳ ଦାସ 'ନୀରଜ' ହେଉଛନ୍ତି ସେଇ ଅସାଧାରଣ କବି ଓ ଗୀତିକାର, ଯାହାଙ୍କ କବିତା ଓ ଗୀତରେ ସମନ୍ୱିତ ପ୍ରେମ ଓ ଅଶ୍ରୁ, ଈଶ୍ୱର ଓ ଐଶ୍ୱର୍ଯ୍ୟ। ଯେଉଁ ଶବ୍ଦ ଓ ଚିତ୍ର ଅନାୟାସରେ ସାଧାରଣ ପାଠକଙ୍କ ଅବବୋଧରେ ଧରାଦେବାର ସାମର୍ଥ୍ୟ ରଖନ୍ତି, ସେ ସବୁର ବିସ୍ମୟକର ପ୍ରୟୋଗ ଦେଖିବାକୁ ମିଳେ 'ନୀରଜ'ଙ୍କ କବିତା ଓ ଗୀତରେ। ସେ ଯେତିକି ସ୍ୱଚ୍ଛନ୍ଦ ହିନ୍ଦୀରେ, ସେତିକି ବି ଉର୍ଦ୍ଦୁରେ। ଉଭୟ ଭାଷାରେ ଶତଶତ କବିତା ଓ ଗୀତ ସେ ନିରବଚ୍ଛିନ୍ନ ଭାବେ ଲେଖିଯାଇଛନ୍ତି, କଣ୍ଠ ଦେଇ ଗାଇଛନ୍ତି ବି। ଚଳଚ୍ଚିତ୍ର ପାଇଁ ଲେଖିଥିବା ଗୀତର ଗୋଟିଏ ଗୋଟିଏ ଶବ୍ଦ ପାଇଁ ଦିନଦିନ ସେ ସନ୍ତୁଳି ହେଇଛନ୍ତି– କଥା ଛଳରେ ମାନିଛନ୍ତି ଏ କଥା।

'ଏ ଭାଇ ଜରା ଦେଖ୍ କେ ଚଲୋ' ଗୀତର ଧୁନ୍ 'ନୀରଜ'ଙ୍କୁ ଏତେ ପ୍ରସିଦ୍ଧି ଆଣି ଦେଇଥିଲା ଯେ, ପରେପରେ 'ଚଳଚ୍ଚିତ୍ର' ପାଇଁ ଗୀତ ଲେଖାଇ ନେବାକୁ ତାଙ୍କ ପାଖକୁ ଧାଡ଼ି ବାନ୍ଧିଥିଲେ ପ୍ରଯୋଜକ ଓ ନିର୍ଦ୍ଦେଶକମାନେ, ଯେଉଁମାନଙ୍କର ଲକ୍ଷ୍ୟ ଥିଲା ତାଙ୍କ ଫିଲ୍ମର ଗୀତ ମାତ୍ ହେଉ। ଜୟ କିଶାନ୍ ଓ ଏସ୍.ଡି. ବର୍ମନ୍‌ଙ୍କ ଭଳି କିମ୍ବଦନ୍ତୀପ୍ରତିମ ସଙ୍ଗୀତ ନିର୍ଦ୍ଦେଶକଙ୍କର 'ନୀରଜ' ଥିଲେ ପ୍ରଥମ ପସନ୍ଦ। ଏଇ ଦୁଇ ନିର୍ଦ୍ଦେଶକଙ୍କ ଆକସ୍ମିକ ବିୟୋଗ 'ନୀରଜ'ଙ୍କୁ ହତଭମ୍ବ କରିଦେଇଥିଲା ଓ ସେ ନିଷ୍ପତ୍ତି ନେଇଥିଲେ ଚଳଚ୍ଚିତ୍ର ପାଇଁ ଆଉ ଗୀତ ନ ଲେଖିବାକୁ।

ଏସ୍.ଡି. ବର୍ମନ୍‌ଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ତାଙ୍କ ରଚିତ ଗୀତଗୁଡ଼ିକ ଚଳଚ୍ଚିତ୍ରପ୍ରେମୀଙ୍କ ହୃଦୟରେ 'ନୀରଜ'ଙ୍କ ପାଇଁ ନିର୍ଦ୍ଦିଷ୍ଟ କରି ଦେଇଥିଲା କାଳକାଳକୁ ଏକ ଅମୋଘ ଆସନ। 'ଆକେ ଜରା ଦେଖିତୋ ତେରି ଖାତିର୍, ହମ୍ କିସ୍ ତରହ ସେ ଜିୟେ', 'ଫୁଲୋଁ କେ ରଙ୍ଗ୍ ସେ, ଦିଲ୍ କୀ କଲମ୍ ସେ, ତୁମ କୋ ଲିଖି...', 'ରଙ୍ଗିଲାରେ, ଏୟ ରଙ୍ଗିଲା', 'ମେଘ ଛାୟେ ଆଧି ରାତ୍ ବୈରଁ ବନ୍ ଗୟେ ନିନ୍ଦିୟା, ବତା ଦେ ମେଁ କ୍ୟା କରୁଁ', ଦିଲ୍ ଆଜ୍ ସାୟର୍ ହୈ, ଗମ୍ ଆଜ୍ ନଗ୍‌ମା ହୈ, ସବ୍ ୟହ ଗଜଲ୍ ହୈ ସନମ୍', 'କାରୱାଁ ଗୁଜର୍ ଗୟା, ଗୁବାର୍ ଦେଖିତେ ରହେ' ପ୍ରଭୃତି ହେଉଛି 'ନୀରଜ'ଙ୍କ ରଚିତ ଅତି ଲୋକପ୍ରିୟ ଗାନ।



'ନୀରଜ' ତାଙ୍କ ସୁଦୀର୍ଘ ଜୀବଦ୍ଦଶାରେ ନିଜର କବିତା ଓ ଗୀତ ପାଇଁ ଏତେ ପ୍ରସିଦ୍ଧ ହୋଇଥିଲେ ଯେ ରାଷ୍ଟ୍ରକବି ଦିନକର ତାଙ୍କୁ 'ହିନ୍ଦୀର ବୀଣା' ବୋଲି ଆଖ୍ୟାୟିତ କରିଥିଲେ। କବିତା ଓ ଗୀତରେ ସେ ଥିଲେ ହିନ୍ଦୀ ବାଚିକ-ପରମ୍ପରାର ଏକ ସୁଦୃଢ଼ ସେତୁ; ଯାହା ଦେଇ ପାଠକ ଓ ଶ୍ରୋତା ନିରାଲା, ପନ୍ତ, ମହାଦେବୀ, ବଚ୍ଚନ, ଭବାନୀ ପ୍ରସାଦ ମିଶ୍ର ଓ କୁମାର ବିଶ୍ୱାସଙ୍କଯାଏଁ ପହଞ୍ଚିବା ସହଜ ହୋଇଥିଲା। 'ନିରଜ' ଥିଲେ ଗୀତରେ ଲୟର ସଂବାହକ, ଗୀତ-ଗଙ୍ଗୋତ୍ରୀର ନୂଆ ଭଗୀରଥ। ଭାଷାର ନିରନ୍ତର ପରିମାର୍ଜନ ଓ ପରିବର୍ଦ୍ଧନର ଦୁର୍ଲଭ ଗେୟ-ଶିଳ୍ପୀ।

ଛ' ଫୁଟ୍ ଲମ୍ବର ତାଙ୍କ ଲାବଣ୍ୟଭରା ଚେହେରା, ବେଦନାରେ ପହ୍ଲେଇଥିବା ଆଖି, ଗୋଲାପୀ ଓଠ, ଶାଳସଳଖ ଗ୍ରୀବା ଦେଖିଲେ ମନେହେଉଥିଲା ଯେପରି ମନ୍ଦ୍ରମନ୍ଦ୍ର ଏକ ଦୈବିକ ସ୍ୱର କଣ୍ଠରେ ଧରି, ଭାଷାରେ ସମ୍ମୋହନର ଜହ୍ନରାତି ଚହଟାଇ ପୃଥିବୀକୁ ଓହ୍ଲେଇ ଆସିଛନ୍ତି ଖୋଦ୍ ବାଗ୍‌ଦେବୀ। ସହସ୍ର ରାତ୍ରିର ଉଜାଗରକୁ ଆଖିରେ ଖୁନ୍ଦି ଦେଶବିଦେଶର ହିନ୍ଦୀପ୍ରେମୀଙ୍କୁ ସେ ଯେପରି 'କବି ସମ୍ମେଳନ'ର ସ୍ଥାୟୀ ଶ୍ରୋତାରେ ରୂପାନ୍ତରିତ କରି ଦେଇଥିଲେ, ତହିଁର ବିକଳ୍ପ ବା କାହିଁ? ହିନ୍ଦୀ କବିତାକୁ ଏହା ଥିଲା ତାଙ୍କର ସ୍ଥାୟୀ ଋଣ।

'ନୀରଜ'ଙ୍କ ଅବର୍ତ୍ତମାନରେ ଆଜି ଭାବିବସିଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ଭିତରେ ଏପରି ଜଣେ କବି ଦୀର୍ଘ ୯୩ ବର୍ଷ ଜିଇଥିଲେ, ଯିଏ ମୃତ୍ୟୁକୁ ବି ସଙ୍ଗୀତ ଆଳରେ ଲଟକାଇ ରଖୁଥିଲେ। କହୁଥିଲେ: ''ଐସୀ କ୍ୟା ବାତ୍ ହୈ ଚଲ୍‌ତା ହୁଁ ଅଭୀ ଚଲ୍‌ତା ହୁଁ/ଗୀତ୍ ଏକ ଔର୍ ଜରା ଝୁମ୍ କେ ଗଏ ଲୁଁ ତୋ ଚଲୁଁ!'' 'ଗଜଲ୍'ର ସେ ନୂଆ ନାଆଁ ଦେଇଥିଲେ 'ଗୀତିକା'। ଦେଶର ଜରୁରିକାଳୀନ ସ୍ଥିତିରେ ଲେଖିଥିଲେ ଅସ୍ମିତାପୂର୍ଣ୍ଣ ଅଭୀକ କବିତା: ''ଫୁଲୋଁ କୀ ଆଁଖୋଁ ମେଁ ଆସୁଁ, ଉତର ହୈ ରଙ୍ଗ୍ ବହାରୋଁ କା/ଲଗ୍‌ତା ହୈ ଆନେୱାଲା ହୈ, ମୌସମ୍ ଫିର୍ ସେ ଅଁଗାରୋଁ କା।'' ଅଭିବ୍ୟକ୍ତିରେ କି ତୀକ୍ଷ୍ଣତା!

'ଏକ୍ ସାମ୍ ନୀରଜ୍ କୀ ନାମ୍ ପର୍' ଆୟୋଜନରେ ଏକ ପ୍ରଶ୍ନର ଉତ୍ତର ଦେଇ 'ନୀରଜ' କହିଥିଲେ– ''କବିତା ହେଉଛି ଆତ୍ମାର ସୌନ୍ଦର୍ଯ୍ୟର ଶବ୍ଦରୂପ।'' ଟାଇପିଷ୍ଟରୁ କିରାଣି, କିରାଣିରୁ ଅଧ୍ୟାପକ ଓ ଅଧ୍ୟାପକରୁ ବିଶ୍ୱବିଦ୍ୟାଳୟର କୁଳାଧିପତି ଭଳି ବୃତ୍ତିଗତ ରୂପାନ୍ତରଣକୁ ଅଙ୍ଗେ ନିଭେଇଥିବା ବ୍ୟକ୍ତିଟିଏ ହିଁ କେବଳ ଲେଖିପାରେ ଏଭଳି ଅନୁଭବୀ ପଙ୍‌କ୍ତି : ''ଚଲ୍‌ତେ ଚଲ୍‌ତେ ଥକ୍ ଗଏ ପୈର୍, ଫିର୍ ଭୀ ଚଲ୍‌ତା ଜାତା ହୁଁ।'' ନିଜର ଅପାର ସୃଜନ-ଜଗତକୁ ପିଠିକରି ଯାଇଥିଲେ ବି ଭୁଲିହେବ କି କବି 'ନୀରଜ'ଙ୍କୁ ସ୍ମରଣରେ ଥିବା ତକ ତାଙ୍କର ଏ ଅମ୍ଲାନ ପଙ୍‌କ୍ତି: 'ଜବ୍ ଚଲେ ଜାଏଗେଁ ହମ୍ ଲୌଟ୍ କେ ସାବନ କୀ ତରହ/ୟାଦ୍ ଆଏଁଗେ ପହଲା ପ୍ୟାର୍ କେ ଚୁଁବନ କୀ ତରହ।''

– ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ

# ଝଗଡ଼ା

ଅନସୂୟା ପଣ୍ଡା

ସେଦିନ ସନ୍ଧ୍ୟାରେ ମୋ' ନ' ମାସର ଝିଅକୁ କାଖେଇ କରିଡର୍‌କୁ ବାହାରିଲା ବେଳକୁ ସାମ୍ନା ଘରର ସୌମ୍ୟା ଭାଉଜ ଦେଖାହେଲେ। ସେ ବି ଓଡ଼ିଶାରୁ! ଭୁବନେଶ୍ୱରରେ ଉଭୟ ବାପଘର ଓ ଶାଶୁଘର। ଏ ଆପାର୍ଟମେଣ୍ଟର ଘରଗୁଡ଼ିକ ସାମ୍ନାସାମ୍ନି ହୋଇ ତିଆରି ହୋଇଥିବାରୁ ଖୁବ୍ ଲମ୍ବା କରିଡର୍ ବାହାରିଛି। ଛୋଟଛୋଟ ପିଲାମାନେ ଅପରାହ୍ଣରେ ଏଠି ସାଇକେଲ ଚଲାନ୍ତି। ଦଉଡ଼ାଦଉଡ଼ି ଖେଳନ୍ତି, ବ୍ୟାଟ୍‌ବଲ୍ କି ଫୁଟ୍‌ବଲ୍ ଖେଳନ୍ତି। ହୋହଲ୍ଲା କରନ୍ତି। ମୁଁ ଘର ଭିତରେ ଥାଇ ସେ ସବୁର ଆନନ୍ଦ ନିଏ। କିଛି ଔପଚାରିକ କଥାବାର୍ତ୍ତା ପରେ ପଚାରିଲି– ''ଭାଉଜ, ଆଜି ପିଲାମାନେ କାହିଁ ବାହାରେ ଖେଳୁ ନାହାନ୍ତି ତ!''

''ତମେ ଜାଣିନ କି ତନୁ, ଗତକାଲି ଏଇ ଡୋର ନମ୍ବର ଶହେଦୁଇରେ ରହୁଥିବା ବଙ୍ଗାଳୀ ସ୍ତ୍ରୀଲୋକ ଜଣଙ୍କ ପିଲାମାନେ ଖେଳୁଥିବାବେଳେ ଭିଡିଓ ରେକର୍ଡିଂ କରି ଆପାର୍ଟମେଣ୍ଟର ଗ୍ରୁପ୍ ଚାର୍ଟ ହ୍ୱାଟ୍‌ସ ଆପ୍‌ରେ ଛାଡ଼ିଛି। ପିଲାମାନେ ପାଟି କରି ଖେଳିଲେ ତାଙ୍କର ଶାନ୍ତି ଭଙ୍ଗ ହେଉଛି। ଘରେ ତ କେହି ନାହିଁ, ସ୍ୱାମୀ ସ୍ତ୍ରୀ ଦୁଇ ଜଣ। ବାହାଘରର ଅଠର ବର୍ଷ ପୂରିଲାଣି, ପିଲାପିଲି ନାହିଁ। ସବୁଦିନେ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା। ଗତକାଲି ରାତି ଗୋଟେବେଳକୁ ମୁଁ ବାଥ୍‌ରୁମ୍ ଯାଇଥାଏ। ଶୁଭିଲା ଦୁହିଁଙ୍କର ବୋଲାବୋଲି, ପାଟିତୁଣ୍ଡ। ସବୁବେଳେ ଝଗଡ଼ା କରିକରି ସ୍ତ୍ରୀ ଲୋକଟା ବୋଧେ ଏକ ମାନସିକ ରୋଗୀ ପାଲଟି ଗଲାଣି! ବାହାରେ କାହା ସହ ମିଶିବନି, ଘରେ ନିତି ସ୍ୱାମୀ ସହ ଝଗଡ଼ା।''

''ଜାଣିଲ ତନୁ, ସ୍ୱାମୀଟି ତା'ର ଭଲ ଲୋକ। ଗୋଟେ ବଡ଼ କମ୍ପାନୀରେ ମ୍ୟାନେଜର। ଏ ଆପାର୍ଟମେଣ୍ଟ ଆସୋସିଏଶନ୍‌ର ସେ ଏବେ ସେକ୍ରେଟାରୀ।''

କହି ଚାଲିଥିଲେ ଭାଉଜ। ଚୁପ୍ ରହି ତାଙ୍କ କଥା ଶୁଣୁଥିଲି। ଭାବିଲି– ''ଯଦି ସ୍ୱାମୀ ଜଣଙ୍କ ବହୁତ ଭଲ ଲୋକ, ବାହାରେ ଏତେ ସବୁ ଦାୟିତ୍ୱ ତୁଲାଉଛନ୍ତି, ଏତେ ଜଣଙ୍କର ଏତେ କଥା ବୁଝି ପାରୁଛନ୍ତି, କେବେ ନିଜ ସ୍ତ୍ରୀକୁ ବୁଝିଛନ୍ତି କି? କେତେ ଏକୁଟିଆ, କେତେ ଅଶାନ୍ତ ସେ ଅଭାଗିନୀ ସ୍ତ୍ରୀ ଲୋକଟିର ମନ, କେବେ ଜାଣିବାକୁ ଚେଷ୍ଟା କରିଛନ୍ତି ତାଙ୍କ ମନ କଥା! ଜଣେ ଯଦି ଅନ୍ୟ ଜଣଙ୍କୁ ବୁଝୁଥାନ୍ତା, ତେବେ ଏତେ ଝଗଡ଼ା କାହିଁକି ହୁଅନ୍ତା। ଝଗଡ଼ା କ'ଣ ଏକାଏକା ହୁଏ?''

– ବାଙ୍ଗାଲୋର, ହ୍ୱାଇଟ୍ ଫିଲ୍ଡ

# କବିତା

## ମଣିଷ ଆଗ୍ନେୟ

ଡ. ଅବ୍‌ଦୁଲ୍ ଓସିଦ୍‌ଖାଁ

**ଈଶ୍ୱର :**
କେହି କ'ଣ ଭାବିଥିଲା କେବେ
ତମକୁ ନେଇ
ଭାଗ ବସାଇ
ବିକିବ ମଣିଷ
ଛଅଣା ଦି' ପଇସାରେ
ବିଶ୍ୱ ବଜାରରେ ?
**ପୃଥିବୀ :**
କେହି କ'ଣ ଜାଣିଥିଲା
ନିଅଣ୍ଟ ପଡ଼ିବ
ତମେ ଦିନେ
ବକଟେନାକୁ ପାଦକୁ
ମଣିଷର !

**ମଣିଷ :**
କିଏ କ'ଣ ବିଶ୍ୱାସ କରିଥିଲା
ବିଶ୍ୱାସ ଦେଇ ଆସିଥିବା
ଜୀବ, ମହାନ୍ ହବ, ଜଗତର
ସର୍ଦ୍ଦାର ବନିବ ଓ ଭୁଲିଯିବ
ପ୍ରତିଶ୍ରୁତି ଓ ପଥ ।
ଅନ୍ଧାରରେ ପଶିବ ।
ଆଲୁଅ ଲିଭାଇ ବଣରେ ବୁଲିବ
ହିଂସ୍ର ଶ୍ୱାପଦ ପରି ?
**ଭାଗ୍ୟ :**
ହାତରେ ଧରିଥିବା ଯାକେ ଥାଏ,
ନ ହେଲେ
ଖସି ପଳାଏ ।

*– ବରଦାପଡ଼ା, ବିଶ୍ୱାଳପଡ଼ା,*
*ରେଞ୍ଜ, ଖୋର୍ଦ୍ଧା*

## ମୋତେ ଟିକିଏ ବାଟ ଛାଡ଼

ଅଜିତ ଦାଶ ମହାପାତ୍ର

ମୁଁ ତ କହୁଛି
ସେମାନଙ୍କୁ ଉଚିତ ଶାସ୍ତି ଦିଅ,
ଯୋଉମାନେ ବିନା କାରଣରେ
ସୀମା ସେପାରିରୁ ଗୁଳିବର୍ଷଣ କରୁଛନ୍ତି
ଓ ଆମର ଯବାନ,
ଏପରିକି ସାଧାରଣ ନାଗରିକ
ସହିଦ ହେଉଛନ୍ତି, ଦେଶ ପାଇଁ ।
ମୁଁ ତ ଚାହୁଁଛି, ସେମାନଙ୍କୁ
ଉଚିତ ଦଣ୍ଡ ମିଳୁ, ଯୋଉମାନେ ବିନାନୁମତିରେ
ସୀମା ପାରି ହୋଇ, ଆତଙ୍କବାଦର
ମଞ୍ଜି ବୁଣୁଛନ୍ତି, ଆମ ଦେଶରେ ।

ମୋତେ ଟିକିଏ ବାଟ ଛାଡ଼ !
ମୁଁ ସାମ୍ନାକୁ ଯିବି ।
ସେମାନଙ୍କ ସାମ୍ନାରେ ଠିଆ ହୋଇ ପଚାରିବି,
ତୁମର ଅସୁବିଧା କ'ଣ ?
ତୁମର ସଭ୍ୟତା, ତୁମର ଧର୍ମ
ତୁମକୁ କ'ଣ ଶିଖେଇଛି
ରକ୍ତପାତର କାହାଣୀ
ଲେଖିବାକୁ ! ଆତଙ୍କବାଦର
ଶାଖାପ୍ରଶାଖା ମେଲେଇ
ଶାନ୍ତ ପୃଥିବୀକୁ ଅଶାନ୍ତ କରିବାକୁ !

ସେମାନଙ୍କୁ ଚେତେଇ ଦେଇ କହିବି,
ତୁମେ ଯଦି ଅବାଟରେ ଯିବ,
ଶାନ୍ତି ଓ ମୈତ୍ରୀର ଗୀତକୁ ଭୁଲିଯାଇ
ଗୁଳି ଓ ବାରୁଦର କଥା କହିବ, ତା'ହେଲେ
ଶୁଣ !
ବେଶି ଡେରି ଲାଗିବନି
ଲାହୋର, ରାଓ୍ୱଲପିଣ୍ଡି ଓ ପେଶାଓ୍ୱାରକୁ
ଆମେ ଛଡ଼େଇ ଆଣିବୁ ଓ
ଭାରତର ମାନଚିତ୍ରକୁ ଆଉ ଟିକିଏ ବଡ଼
କରିଦେବୁ ।

ମୁଁ ଜାଣେ, ଫେରିଲା ବେଳକୁ
ସେମାନେ ମୋ' ପିଠିରେ ଗୁଳିବର୍ଷଣ
କରିବେ ।
ଚିନ୍ତା ନାହିଁ, ଡର ନାହିଁ, ଏଇଥିପାଇଁ ଯେ
ମୋ' ରକ୍ତରେ ଅଙ୍କାଯିବ
ଭାରତର ନୂଆ ମାନଚିତ୍ର ।

*– ନୂଆପଲ୍ଲୀ, ଭୁବନେଶ୍ୱର*

## ବାପା

ଡା. ମନୋରଞ୍ଜନ ଦାଶ


ବାପା ହିଁ ଅମୋଘ ଶକ୍ତି ପୁଅର
ବାପାଥିବା ପୁଅ ସଭାରେ ହାରେନି
ବାପା ! ଜମିର ପାଳଭୂତ ପରି ଏବେ ତମର ଜୀବନ ।
ଥୁଣ୍ଟା ବରଗଛ ପରି ତମର ଛାତି
ଅତୀତର ସ୍ମୃତି ରୋମନ୍ଥନ କରି ଜୀବନ ଜିଇବାରେ
ତମର କଟୁଚି ବେଳ ।

ଏବେ ନିଃଶବ୍ଦ ଶୀତ ସକାଳ ତୁମେ !
କେତେ ଅଲୋଡ଼ା ଏବେ !
କାହିଁକିନା, ମୁଣ୍ଡକୁ ହାତ
ପାଇଲାଣି ସନ୍ତାନସନ୍ତତିଙ୍କର ।
ଏବେ ଅପଲକେ ଚାହିଁ ରହୁଚ
ସେମାନଙ୍କ ଫେରିବା ବାଟକୁ
ଭଙ୍ଗା ଚେୟାରରେ ବସି ଭାବୁଚ,
କେତେ ହାରିଲି, କେତେ ଜିତିଲି ।

ଅକୁହା ବ୍ୟଥାକୁ ଛାତି ତଳେ ଚାପିଦେଇ
ନୀରବି ଯାଇଥିବା ଖରାଦିନର
ଝାଉଁଳା ଗଛ ତୁମେ ।
ମାଟିକଣ୍ଢେଇମାନଙ୍କୁ ସଜୀବ କରି ସଜେଇ
ଦେଇ
ହସ ବାଣ୍ଟିଥିବା ହେ ବାପା !
ତୁମକୁ ପ୍ରଣାମ !!

*– ପ୍ରଭାବତୀ ନିଳୟମ୍, ବେଲତଳ,*
*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*





## ମୃତ୍ୟୁ ଛୁଇଁବ ଧୀରେଧୀରେ

ମୂଳ ରଚନା: ପାବ୍ଲୋ ନାରୁଦା
ଅନୁସୃଜନ: ଡ. ସୂଚନା ପାଢ଼ୀ

ସୁନେଲୀ ସୂର୍ଯ୍ୟ ଆଲୋକ
ଶୁଣାଏ– ଜୀବନର ସ୍ୱର
ହୁଅନାହିଁ ଜିଇଥିବା ଶବ
ଦୂରେଥାଇ 'ମୃତ୍ୟୁ' ଦେଖୁଥିବ ।

ହୁଅନା' ଅଭ୍ୟାସର ଦାସ
ବାନ୍ଧନା' ଜୀବନ ରୁଟିନ୍ ପୃଷ୍ଠାରେ
ନିର୍ଲିପ୍ତ ଆଖି– ପ୍ରେମ ଇସାରା
ବନ୍ଧୁ ! 'ମରଣ' ଆସିବ ଧୀରେଧୀରେ ।

ସ୍ୱପ୍ନ ପଥେ ପଛେ ହୁଅ ପଳାତକ
ସରସତା ଦିଅନା ହରାଇ
ଅବସୋସ ନ ରହୁ ଜୀବନେ
'ମରଣ'– ଛୁଇଁବ ଧୀରେଧୀରେ ।

ଝଡ଼ିଯିବ ଜୀବନ ପକ୍ୱ ଫଳ ପ୍ରାୟେ
ଆତ୍ମାପକ୍ଷୀ ଉଡ଼ିଯିବ
ଏପାରିରୁ ସେପାରି
ଜୀବନକୁ ଭଲପାଅ ବନ୍ଧୁ !
ବଞ୍ଚିବାଟା ଦିଅନା ହଜାଇ ।

– ବ୍ରହ୍ମପୁର

ଗୀତି–କବିତା

## ତୋ' ଲାଗି ମେଘ ମୋତି ହୋଇ ଝରେ...

ଧନଞ୍ଜୟ ସ୍ୱାଇଁ

ତୋଅ ଲାଗି ମେଘ ମୋତି ହୋଇ ଝରେ
ଅଗଣାରେ ମୋର ଆସି
ପ୍ରତି ପଲକେ ତୋ' ଇନ୍ଦ୍ରଧନୁର
ସାତରଙ୍ଗ ଯାଏ ମିଶି ।।

ତୋ' ଲୁହ ଛୁଇଁଲେ ମେଘରେ ମେଘରେ
ଆକାଶ ଆସଇ ଘୋଟି
ତୋ' କୋହ ଛୁଇଁଲେ କରୁଣାରେ ଅବା
ବତୁରି ଯାଅଇ ମାଟି
ତୋ' ଆଖି ଲୁହରେ ବଉଦ ଉହାଡ଼େ
କାଳିଜହ୍ନ କାନ୍ଦେ ବସି ।।

ଏ ବରଷା ତୋ' ଅଳସୀ ଦେହରେ
ପଳାଶଫୁଲର ନିଆଁ
ଶେଷ ବଇଶାଖେ ଯେମିତି ଦିଶଇ
କୃଷ୍ଣଚୂଡ଼ାର ଗାଆଁ
ତୋ' ମନକଥା ବୁଝି ସେ ବରଷା
ନାଚୁଥାଏ ହସିହସି ।।

*– ଅତିରିକ୍ତ ଶାସନ ସଚିବ, ବିଦ୍ୟାଳୟ ଓ*
*ଗଣଶିକ୍ଷା ବିଭାଗ*
*ରାଜ୍ୟ ସଚିବାଳୟ, ଭୁବନେଶ୍ୱର*

# ପ୍ରଥମ ଗଳ୍ପ ଉଡ଼ିବାକୁ ମୋତେ ଡେଣା ଦେଇଛି...






ଡ. ଅଜାୟର ମଲ୍ଲ

୧୯୭୩ ସେପ୍ଟେମ୍ବର ୧୭ରେ ମୁଁ ଭଦ୍ରକ ସରକାରୀ କଲେଜରେ ଆଡହକ୍ ଅଧ୍ୟାପକ ଭାବେ ଯୋଗଦେଲି। ସେତେବେଳକୁ ବିଦ୍ୟାର୍ଥୀମାନେ ଭଦ୍ରକ କଲେଜକୁ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଦ୍ୱିତୀୟ ବୃହତ୍ତମ ଓ ଦ୍ୱିତୀୟ ଶ୍ରେଷ୍ଠ କଲେଜ ଭାବେ ବିବେଚନା କରୁଥିଲେ। କଲେଜରେ ମୁଁ ଥିଲି ଓଡ଼ିଆ ବିଭାଗର ସବୁଠୁ କନିଷ୍ଠ ଅଧ୍ୟାପକ। କଲେଜରେ ଥାଆନ୍ତି ଓଡ଼ିଶାର କେତେଜଣ ଶ୍ରେଷ୍ଠ ସାରସ୍ୱତ ସାଧକ, କବି, ସମାଲୋଚକ, ବାଗ୍ମୀ ଓ ଗବେଷକ। ସେମାନେ ହେଲେ କବି ସୌରୀନ୍ଦ୍ର ବାରିକ, ପ୍ରମୋଦ କୁମାର ମହାନ୍ତି, ନୀଳାଦ୍ରି ଭୂଷଣ ହରିଚନ୍ଦନ, ଗବେଷକ ଗଙ୍ଗାଧର ବଳ, ରତ୍ନାକର ସାହୁ, ବାଗ୍ମୀ ପୀତାମ୍ବର ସ୍ୱାଇଁ ପ୍ରମୁଖ। ଏମାନଙ୍କ ସଂସ୍ପର୍ଶରେ ଆସି ଲାଗୁଥାଏ ଏମାନଙ୍କ ପରି ଲେଖିପାରନ୍ତି କି ମୁଁ!

ସେଠା ପାଣି ପବନରେ ସାହିତ୍ୟ-ଚାଷ ଭଲ ହୁଏ ବୋଲି ଅନୁଭବ କଲି ପରେ। ସେଠାରେ ଯେଉଁମାନେ ମୋର ଛାତ୍ର ଥିଲେ ଓ ନୂଆନୂଆ କଲମ ଧରୁଥିଲେ ଏବେ ସେମାନେ ଓଡ଼ିଶାର ଜଣେ ଜଣେ ଅତ୍ୟନ୍ତ ପ୍ରତିଭାବାନ୍ କବି, ଲେଖକ, ଗାଳ୍ପିକ ତଥା ସମାଲୋଚକ। ସେମାନଙ୍କ ଭିତରୁ ମନେପଡୁଛି କେତୋଟି ନାଁ। ସେମାନେ ହେଲେ କବି ଡ. ହୃଷୀକେଶ ମଲ୍ଲିକ, ହୃଦାନନ୍ଦ ପାଣିଗ୍ରାହୀ (ଦୁହେଁ ସହପାଠୀ), ଗୌରହରି ମହାନ୍ତି, ଜୟନ୍ତିକା ପ୍ରମୁଖ। ଏମାନଙ୍କୁ ଦେଖି ଭାବୁଥାଏ ସାଳନ୍ଦୀ ନଦୀର ପାଣି, ଭଦ୍ରକ କଲେଜ ପରିସରର ଆମ୍ର ବକୁଳ ବନବିଥି 'ପଲ୍ଲୀଭାରତୀ ବିଶ୍ୱବିଦ୍ୟାଳୟ'ର ସ୍ୱପ୍ନକୁ ବୋଧହୁଏ ସମାହିତ କରି ରଖିଛି। ପୃଷ୍ଠଭୂମିରେ ଅଛନ୍ତି - ଜଗନ୍ନାଥ ପାଣି, କାନ୍ତକବି ଲକ୍ଷ୍ମୀକାନ୍ତ ଓ ନିତ୍ୟାନନ୍ଦ ମହାପାତ୍ରଙ୍କ ପରି କେତେ ସାରସ୍ୱତ-ରଥୀ।


ସେଠା ପାଣି ପବନରେ ସାହିତ୍ୟ-ଚାଷ ଭଲ ହୁଏ ବୋଲି ଅନୁଭବ କଲି ପରେ। ସେଠାରେ ଯେଉଁମାନେ ମୋର ଛାତ୍ର ଥିଲେ ଓ ନୂଆନୂଆ କଲମ ଧରୁଥିଲେ ଏବେ ସେମାନେ ଓଡ଼ିଶାର ଜଣେ ଜଣେ ଅତ୍ୟନ୍ତ ପ୍ରତିଭାବାନ୍ କବି, ଲେଖକ, ଗାଳ୍ପିକ ତଥା ସମାଲୋଚକ।

ସେଦିନ ଭଦ୍ରକର ସେଇ ମଞ୍ଜିଟି ବଲାଙ୍ଗୀର ଆସିବା ପରେ କ୍ରମଶଃ ଅଙ୍କୁରିତ, ପଲ୍ଲବିତ ଓ ଦ୍ରୁମାୟିତ ହେବାକୁ ଲାଗିଲା। କବିତା ମୋ' ଦ୍ୱାରା ହେଲାନି। ଗଳ୍ପ ଲେଖିଲି। ସମାଲୋଚନାମୂଳକ ପ୍ରବନ୍ଧ ଓ ଆଲେଖ୍ୟ ଲେଖିଲି। ଦୈନିକ 'ଧରିତ୍ରୀ'ର ରବିବାସରୀୟ ସଂଖ୍ୟାରେ ମୋ' ଗଳ୍ପ ବାହାରୁଥାଏ। 'ଧରିତ୍ରୀ'ରେ ପ୍ରକାଶିତ ମୋର ପ୍ରଥମ ଗଳ୍ପ 'ବୁଢ଼ାମାଷ୍ଟ୍ରେ'। ପ୍ରକାଶକାଳ ୧୯୮୪, ମାର୍ଚ୍ଚ ୪ ତାରିଖ। ୧୯୮୪ରେ 'ଧରିତ୍ରୀ'ରେ ମୋର ୭ଟି ଓ ୧୯୮୫ରେ ୬ଟି ଗଳ୍ପ ଛପା ଯାଇଥିଲା। ସବୁଠୁଁ ଅଧିକ ଖୁସି ହୋଇଥିଲି ସେଇଦିନ, ଯେଉଁଦିନ 'ଧରିତ୍ରୀ' ପକ୍ଷରୁ ଦେବେନ୍ଦ୍ର ସତପଥୀଙ୍କ ସ୍ୱାକ୍ଷର ଥାଇ ଚିଠିଟିଏ ପାଇଥିଲି। ଚିଠିରୁ ଜାଣିଲି, ୧୯୮୫ ମସିହା ପାଇଁ 'ଧରିତ୍ରୀ'ର ଶ୍ରେଷ୍ଠ ଗାଳ୍ପିକ ଭାବେ ପୁରସ୍କୃତ ହେବାକୁ ମୁଁ ମନୋନୀତ ହୋଇଛି। ବିଭୋର ଆନନ୍ଦରେ ମୁଁ ନାଚି ଉଠିଲି। 'ଧରିତ୍ରୀ' ପରିସରରେ ଅନୁଷ୍ଠିତ ଏହି ଉତ୍ସବରେ ବରେଣ୍ୟ ଅତିଥି ଥା'ନ୍ତି ବିଶିଷ୍ଟ ପଞ୍ଜାବୀ ଲେଖିକା ଅମ୍ରିତା ପ୍ରୀତମ୍। ତାଙ୍କ ହାତରୁ ମାନପତ୍ର ଓ ଅଙ୍ଗବସ୍ତ୍ର ଆଣିବାବେଳେ ଲାଗୁଥାଏ ସାହିତ୍ୟଜଗତ ଠାରୁ ସାତଶପଞ୍ଚାଶ କୋଶ ଦୂରରେ ଥାଇ ମଧ୍ୟ 'ଧରିତ୍ରୀ' ଦେଉଛି ମୋତେ ଏକ ବିରଳ ସ୍ୱୀକୃତି। ଏଥିରେ ପ୍ରକାଶିତ ମୋର ପ୍ରଥମ ଗଳ୍ପ ମାଟିରୁ ଆକାଶଯାଏ ଉଡ଼ିବାକୁ ମୋତେ ଡେଣା ଦେଇଛି।

# ପୁସ୍ତକ ପରିଚୟ

## ଅବୁଝ ଅପେକ୍ଷା

**କବି:** ହିମାଂଶୁ କୁମାର ପଟ୍ଟନାୟକ
**ପ୍ରକାଶକ:** କାବ୍ୟଲୋକ, ଲୁଇସ୍‌ରୋଡ୍, ଭୁବନେଶ୍ୱର-୨
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୦୦/-




୧୯୯୬ରେ 'ଯଦି ମୋର' ପ୍ରକାଶ ପାଇବା ପରେ ୨୨ ବର୍ଷ ବ୍ୟବଧାନରେ ପ୍ରକାଶ ପାଇଛି କବିଙ୍କର ଦ୍ୱିତୀୟ କବିତା ସଂକଳନ 'ଅବୁଝ ଅପେକ୍ଷା'। କବି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଲେଖିଛନ୍ତି: ''ଗତାନୁଗତିକତା-ବିରାଗୀମାନଙ୍କୁ ତାଙ୍କର ଅନେକ ଉକ୍ତି ଭିନ୍ନ ଏକ ସ୍ୱାଦର ଆହ୍ଲାଦକ ଅନୁଭବ ଦେବ।'' କବିତା ହିମାଂଶୁଙ୍କ ପାଇଁ 'ଅଂତର୍ଗତ ଅନ୍ୱେଷଣ' ନତୁବା 'ଅବୁଝାପଣ'। ଶବ୍ଦଙ୍କର ଜାତି ବିଚାରରେ କବିଙ୍କର ବିଶ୍ୱାସ ନ ଥାଏ। ତେଣୁ ସେ ତାଙ୍କ କବିତା ମଝିରେ ଆପାତତଃ ବେଖାପ୍ ଶବ୍ଦଙ୍କୁ ବି ବସାଇ ଦେଇ ଭାବର ଏକ ନୂଆ କେମିଷ୍ଟ୍ରି ତିଆରି କରନ୍ତି। 'ବାଇ ଚଢ଼େଇର ଘର' କବିତାରୁ ଉଦ୍ଧୃତିଟିଏ- ''ମିତଣୀ ପରଖେ ଘର/ବାୟାରେ ଥରକୁ ଥର/ମନଟି ତ ଦୁଗୁଦୁଗୁ ଛାତିରେ ତା'/ଆର୍ଥିଙ୍ଗ୍ ପ୍ରୋବ୍ଲେମ୍।'' ଓଡ଼ିଆ ଶବ୍ଦ ଗହଣରେ ଏଇ 'ଆର୍ଥିଙ୍ଗ୍ ପ୍ରୋବ୍ଲେମ୍' ଶବ୍ଦାନୁସଂଗଟି କାହାକାହା ପାଇଁ ହୁଏତ ବେଖାପ୍ ଲାଗି ପାରେ, ମାତ୍ର ଏହା କବିତାରେ ଯେ ଏକ ନୂଆ ବ୍ୟଞ୍ଜନା ସୃଷ୍ଟି କରୁଛି, ଏଥିରେ ସନ୍ଦେହ ନାହିଁ। ଘଟଣାର ନାନା ଖଣ୍ଡ ପ୍ରବାହକୁ ଏକତ୍ର କରି କବିତାରେ ଏକ ନିଜସ୍ୱ ଭାବବୃତ୍ତ ଗଢ଼ି ତୋଳିବାରେ ଗ୍ରନ୍ଥର ଏକାଧିକ କବିତା ସମର୍ଥ।

## କବିତା ବାରିକଙ୍କ ସୃଜନର ଦିଗ ଓ ଦିଗନ୍ତ

**ଲେଖିକା:** ରଞ୍ଜିତା ପାତ୍ର
**ପ୍ରକାଶକ:** ଲେଖାଲେଖି, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୬୦/-




ଗାଳ୍ପିକା ଡ. କବିତା ବାରିକଙ୍କ ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ଓ ସମ୍ପାଦନା ଆଦିକୁ ନେଇ ଆଲୋଚ୍ୟ ସମାଲୋଚନା-ଗ୍ରନ୍ଥରେ ତଥ୍ୟଭିତ୍ତିକ ଆଲୋଚନା କରାଯାଇଛି। ପୁସ୍ତକରେ ମୋଟ ପାଞ୍ଚଟି ଅଧ୍ୟାୟ। ପ୍ରଥମ ଅଧ୍ୟାୟରେ କବିତା ବାରିକଙ୍କ ପରିଚୟ, ଦ୍ୱିତୀୟ ଅଧ୍ୟାୟରେ ତାଙ୍କ ଉପନ୍ୟାସ କୃତି, ତୃତୀୟ ଅଧ୍ୟାୟରେ ଗଳ୍ପ-ସାହିତ୍ୟକୁ ତାଙ୍କର ଅବଦାନ, ଚତୁର୍ଥ ଅଧ୍ୟାୟରେ ପ୍ରବନ୍ଧ ଓ ଜୀବନୀ ରଚୟିତା ଭାବେ ତାଙ୍କର ବୈଶିଷ୍ଟ୍ୟ ଏବଂ ପଞ୍ଚମ ପରିଚ୍ଛେଦରେ ସମ୍ପାଦିକା ଭାବେ ଓଡ଼ିଆ ସାହିତ୍ୟକୁ ତାଙ୍କର ଅବଦାନ ବିଷୟରେ ଆଲୋଚନା କରାଯାଇଛି। ଗ୍ରନ୍ଥ ଶେଷରେ ଥିବା ୬ଟି ସାକ୍ଷାତ୍କାର କବିତାଙ୍କ ସୃଜନ-ଜଗତ ସମ୍ପର୍କରେ ଅବହିତ ହେବାରେ ପାଠିକାପାଠକ ଓ ଗବେଷକମାନଙ୍କୁ ସହାୟତା କରିବ।

## ହୋଓ ଭଗତେ

**ଲେଖକ:** କନିଷ୍କ
**ପ୍ରକାଶକ:** ପାଇନ୍ ବୁକ୍‌ସ, କଟକ
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୨୫୦/-

'ହୋଓ ଭଗତେ' କାବ୍ୟଗ୍ରନ୍ଥର ପ୍ରଚ୍ଛଦରେ କବି କହନ୍ତି: ''ଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିର ଇତିହାସର କବର ତଳୁ ଆବିଷ୍କୃତ କେତେକେତେ ଯୁଦ୍ଧ, କେତେକେତେ ଲୁଣ୍ଠନ, କେତେକେତେ ପଳାୟନ, ଅନାଚାର, ଯୌନ ବ୍ୟଭିଚାର ଓ ରହସ୍ୟମୟ ଘଟଣାର ଭୟଙ୍କର ଘନଘଟାରେ ଏ ମହାକାବ୍ୟର ପ୍ରତିଟି ଫର୍ଦ୍ଦ ଲୋତକପୂର୍ଣ୍ଣ... କୋହ ଜର୍ଜରିତ... ରକ୍ତରେ ରଞ୍ଜିତ।'' ଜଗନ୍ନାଥ ମନ୍ଦିର, ପୁରୀ ଓ ଜଗନ୍ନାଥ-ସଂସ୍କୃତି ପ୍ରତି କନିଷ୍କଙ୍କ ଦୃଷ୍ଟିଭଙ୍ଗୀର ଭିନ୍ନତା ହେଉଛି ବହିଟିର ବୈଶିଷ୍ଟ୍ୟ। ଦ୍ୱିତୀୟ କାଣ୍ଡ ଅଷ୍ଟମ ପର୍ବର ନିମ୍ନ ଉଦ୍ଧୃତିଟିକୁ ଲକ୍ଷ୍ୟ କରାଯାଉ- ''ଗୀତଗୋବିନ୍ଦର ଶୃଙ୍ଗାର ରସରେ / ବୁଡ଼ିଲେ ସର୍ବେ, / ଦେବଦାସୀ ରଙ୍ଗ ମାଡ଼ିମାଡ଼ି ଗଲା... / ରାଜଶକ୍ତି ହେଲା ପୋଲା!/ କେତେକେତେ ଘର ଉଜୁଡ଼ି ଗଲା!/ ଦେଖି ଏ କଥା,/ ଗଜପତି ରାଜା ପୁରୁଷୋତ୍ତମ / 'ଗୀତଗୋବିନ୍ଦ'କୁ ହଟେଇ ନେଲେ, / 'ଅଭିନବ ଗୀତଗୋବିନ୍ଦ' ନିଜେ ଭଣିତା କରି / ନିର୍ଦ୍ଦେଶ ଦେଲେ, / ବୋଲା ହବ ବୋଲି ନାଟ ମନ୍ଦିରେ।'' ଗ୍ରନ୍ଥଟିରେ ଥିବା କବିତାଗୁଡ଼ିକ କେତେ ଇତିହାସ, କେତେ କଳ୍ପନା-ଯେତେ ବଡ଼ କଥା ନୁହେଁ, ବଡ଼ କଥା ହେଉଛି ଏହାର ରଚନା ଭଙ୍ଗୀ, ଯାହା ସମକାଳରେ କବିଙ୍କ ଅଲଗାପଣକୁ ଚିହ୍ନିତ କରେ। ପ୍ରାୟ ୨୦୦ ପୃଷ୍ଠା (ଡିମେଇ ସାଇଜ୍)ର ଏହି କାବ୍ୟଗ୍ରନ୍ଥରେ ମୋଟ ୧୦ଟି କାଣ୍ଡ ଓ ପ୍ରତି କାଣ୍ଡର ବିଭାଜନ 'ପର୍ବ' ଭାବେ ଚିହ୍ନିତ।




## ସପନର ପଥେ ପଥେ

**ଲେଖକ:** ଡ. ସୁରେଶ ଛୋଟରାୟ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୦୦/-

ସଂକଳନଟିରେ ମୋଟ ୧୨ଟି ଗଳ୍ପ ସ୍ଥାନିତ। ଗଳ୍ପଗୁଡ଼ିକରେ ସାମ୍ପ୍ରତିକ ସମାଜ ଓ ତହିଁରେ ପରିଦୃଷ୍ଟ ଘଟଣାବଳୀ ଏକ ଅନୁଭବୀର ଆଖି ନେଇ ଚିତ୍ରିତ। ସୁରେଶ ସାମାନ୍ୟ କଥାକୁ ଏପରି ଘେନେଇ କହନ୍ତି ଯେ, ତାଙ୍କ ଗପଗୁଡ଼ିକ ଭୂଆଁଳ ଅଠା ପରି ପାଠକର ମନକୁ ଲଟକେଇ ରଖେ। ଗପର ଭାଷା ଆସେ ନିତିଦିନିଆ ଜୀବନର ନାନା ଅଳିକନ୍ଦିରୁ, ଯହିଁରେ କୁହାଯାଉ ଥିବା କଥା ବା ବର୍ଣ୍ଣିତ ବିଷୟ ଅନୁରାଗ ବ୍ୟଞ୍ଜିତ ହୋଇଉଠେ। ବହିର ଶେଷ ଗପ- 'ରକ୍ତ ସବୁ ଲୁହ ହୋଇ ଝରେ'ରୁ ଏଇ ଉଦ୍ଧୃତିଟି: ''ଅପାର ଦଶାହକୁ ଗଲି। ସବୁଆଡ଼େ ଶୂନ୍‌ଶାନ୍। ଘରଟା ସାରା ମାଳଅପାର ବାସ୍ନା ବାରି ହୋଇ ପଡ଼ୁଥିଲା। ଗୋଟେ କାନ୍ଦୁରା ଲୁହ ଛଳଛଳ ମୁହଁ ସେ ଘରର କାନ୍ଥବାଡ଼ ଚାରିଆଡ଼େ ଦେଖାଯାଉଥିଲା। ଅପାର ଅନୁପସ୍ଥିତିରେ ଗୋଟାଏ ମୁହୂର୍ତ୍ତ ଏଠି ଲାଗିଲା ଗୋଟାଏ ଯୁଗ।'' ବହିଟିର ପ୍ରାୟ ଗଳ୍ପ ପାଠକଙ୍କ ପାଇଁ ଯେ ଏକଏକ ସୁଖଦ ଅନୁଭବ ହେବ, ଏ ବିଶ୍ୱାସ ରଖୁହୁଏ।




## ପୃଷ୍ଠାଏ ପ୍ରଣିପାତ

**ଲେଖକ:** ରାଧାମୋହନ ମହାପାତ୍ର
**ପ୍ରକାଶିକା:** ପ୍ରତିଭା ମହାପାତ୍ର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୦୦/-

୪ ଡିସେମ୍ବର ୨୦୧୬ରେ 'ଧରିତ୍ରୀ'ରେ ପ୍ରକାଶିତ 'ଅପରାଧ ପ୍ରବଣତା ବନାମ ସାଧୁତା' ପ୍ରସ୍ତ (ଯାହା ଏକ ସତ୍ୟ ଘଟଣା ଉପରେ ଆଧାରିତ) ହେଉଛି ଆଲୋଚ୍ୟ ଉପନ୍ୟାସର ଭିତ୍ତି। କ୍ରିକେଟ୍ ବ୍ୟାଟ୍‌ରେ ପିଟି ଦେବାରୁ ୫୦ ବର୍ଷୀୟ ଜଣେ ପିଅନର ମୃତ୍ୟୁ ହେବା ପରେ ଅପରାଧ ଘଟାଇଥିବା ପୁଅ ବିରୁଦ୍ଧରେ ସବ୍‌କଲେକ୍ଟର ବାପା ଥାନାରେ ଏଫ୍‌ଆଇଆର୍ ଦେବା ଓ ଏକମାତ୍ର ସାକ୍ଷୀ ଭାବେ କୋର୍ଟରେ ଛିଡ଼ା ହୋଇ ଜଡ଼ିତ ପୁଅକୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରାଇବା ଅପରାଧ ଇତିହାସରେ ଏକ ବିରଳ ଅଧ୍ୟାୟ। ଜେଲ୍ ଯାଇଥିବା ପୁଅର ହୃଦୟ ପରିବର୍ତ୍ତନ ଓ ତା'ର ଚାରିତ୍ରିକ ଉତ୍ତରଣକୁ ଲେଖକ ଉପନ୍ୟାସରେ ଅତି ହୃଦୟଗ୍ରାହୀ ଢଙ୍ଗରେ ଉପସ୍ଥାପନ କରିଛନ୍ତି। ଉପନ୍ୟାସଟି ଆକାରରେ ଛୋଟ ଏବଂ ବିଷୟଗତ ସ୍ୱାତନ୍ତ୍ର୍ୟ ପାଇଁ ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା।

